### ରାସନ କାର୍ଡ କଟିବା ଭୟ...

# କେୱାଇସି କରିନାହାନ୍ତି ୨୩ ହଜାର ହିତାଧିକାରୀ

ଶେରଗଡ଼, ୧୦।୧୧(ସମିସ)

ରାସନକାର୍ଡ କଟିବା ଭୟରେ ଇ-କେୱାସି କରୁନାହାନ୍ତି ହିତାଧିକାରୀ। ପ୍ରାୟ ୩ମାସ ହେଲା ଯାଞ୍ଚ କରାଯାଉଥିଲେ ହେଁ ଶେରଗଡ଼ ବ୍ଲକରେ ୮୦ପ୍ରତିଶତ ଯାଞ୍ଚ କରାଇଛନ୍ତି। ଆହୁରି ୨୨ହଜାର ୮୨୭ଜଣ ହିତାଧିକାରୀ କେୱାଇସି ଯାଞ୍ଚ କରିନାହାନ୍ତି। ନଭେମ୍ବର ସୁଦ୍ଧା ଯାଞ୍ଚ ଶେଷ କରି ଅଯୋଗ୍ୟଙ୍କୁ ବାଦ୍ ଦେବା ସହ ନୂତନ ହିତାଧିକାରୀଙ୍କୁ ଯୋଡ଼ିବାକୁ ଖାଦ୍ୟ ଯୋଗାଣ ମନ୍ତ୍ରୀ କହିଥିବା ବେଳେ ଏବେ ହଜାର ହଜାର ହିତାଧିକାରୀ ଇ-କେୱାଇସି ନକରିବା ଆଶ୍ଚର୍ଯ୍ୟ କରିଛି। ନିର୍ଦ୍ଧାରିତସମୟସୀମାମଧ୍ୟରେଏମାନେକେୱାଇସିଅପଡେଟ୍ ନକଲେ ରାସନକାର୍ଡରୁ ବାଦ ପଡ଼ିବେ ନା ରହିବେ ସେନେଇ ଆଶଙ୍କା ପ୍ରକାଶ ପାଇଛି। ଶେରଗଡ଼ ବ୍ଲକରେ ଜାତୀୟ ଖାଦ୍ୟ ସୁରକ୍ଷା ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ମୋଟ ୧ଲକ୍ଷ




୧୨ହଜାର୩୧୪ଜଣ ହିତାଧିକାରୀ ରାସନକାର୍ଡରେ ଅନ୍ତର୍ଭୁକ୍ତ ହୋଇ ସାମଗ୍ରୀ ପାଉଛନ୍ତି। ନୂତନ ସରକାର ଆସିବା ପରେ ରେସନକାର୍ଡରେ ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ ଦେବାକୁ ଦେବାକୁ କେୱାଇସି ଯାଞ୍ଚ ଆରମ୍ଭ ହୋଇଥିଲା। ଅଗଷ୍ଟ ୨୨ତାରିଖରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ୩ମାସ ହେଲା ଇ-କେୱାସି ଚାଲିଛି। ଶେରଗଡ଼ ବ୍ଲକରେ ମୋଟ ହିତାଧିକାରୀଙ୍କ ମଧ୍ୟରୁ ୮୦ପ୍ରତିଶତ ଅର୍ଥାତ ୮୯ ହଜାର ୪୮୭ ହିତାଧିକାରୀ ଅପଡେଟ କରିସାରିଛନ୍ତି। ଅଯୋଗ୍ୟ ମାନେ ବାଦ ପଡ଼ିବା ଆଶଙ୍କା ନେଇ ଅନେକ ଏହାକୁ ଅପଡ଼େଟ କରିନାହାନ୍ତି। ପର୍ଯ୍ୟାପ୍ତ ସମୟ ଦିଆଯିବା ପରେ ମଧ୍ୟ ଏତେ ସଂଖ୍ୟକ ହିତାଧିକାରୀ କାହିଁକି ଇ-କେୱାଇସି ଅପଡେଟ କରୁନାହାନ୍ତି, ତାହା ସବୁ ସ୍ତରରେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। କିଛି ଅଯୋଗ୍ୟ ହିତାଧିକାରୀ ତାଲିକାରେ ରହିଥିବା ଆଲୋଚନା ହେଉଛି। ଇ-କେୱାଇସି କରିନଥିବା ୨୨ହଜାର ୮୨୭ଜଣ ହିତାଧିକାରୀଙ୍କ ସ୍ଥିତି କ'ଣ ହେବ ଅଡୁଆ ସୃଷ୍ଟି କରିଛି। ଏ ନେଇ ବ୍ଲକ ଯୋଗାଣ ଅଧିକାରୀ ବିଭୁ ପ୍ରସାଦ ସାହୁ କହିଛନ୍ତି ଯେ, ଇ-କେୱାଇସି ଚାଲିଛି, ଶେଷ ତାରିଖ କେବେ ସେ ନେଇ କୌଣସି ବିଭାଗୀୟ ନିର୍ଦ୍ଦେଶ ଆସିନାହିଁ। ଯାହା ନିର୍ଦ୍ଦେଶ ଆସିବ ସେ ଅନୁସାରେ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଛନ୍ତି।

## ଭାରତୀୟ କମ୍ୟୁନିଷ୍ଟ ପାର୍ଟିର କାର୍ଯ୍ୟକାରୀ କମିଟି ବୈଠକ

ଛତ୍ରପୁର, ୧୦।୧୧(ସମିସ): ସ୍ଥାନୀୟ ଲକ୍ଷ୍ମଣ ଭବନଠାରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଛତ୍ରପୁର ନିର୍ବାଚନ ମଣ୍ଡଳୀର କାର୍ଯ୍ୟକାରୀ କମିଟି ବୈଠକ କୃଷକ ନେତା ରାଜୀବ ଲୋଚନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ବିଧାୟକ ତଥା ରାଜ୍ୟ ନେତା ଏନ. ନାରାୟଣ ରେଡ୍ଡୀ ଯୋଗଦେଇ ପାର୍ଟିର ଶତ ବାର୍ଷିକୀ ଉତ୍ସବ ଏବଂ ଜାତୀୟ ରାଜନୈତିକ ଅବସ୍ଥା ନେଇ ଆଲୋଚନା କରିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନ ମାରଣା ନୀତିକୁ କଡ଼ା ସମାଲୋଚନା କରିଥିଲେ। ଆସନ୍ତା ଡିସେମ୍ବର ୨୬ ଠାରୁ ୨୦୨୫ ଡିସେମ୍ବର ୨୬ ଏକ ବର୍ଷ ଧରି ପାଳନ କରାଯିବା ପାଇଁ କାର୍ଯ୍ୟକ୍ରମ ନିଷ୍ପତ୍ତି ନିଆଯାଇଛି। ଶାଖା ସମ୍ମିଳନୀ, ଆଞ୍ଚଳିକ ସମ୍ମିଳନୀ, ଜିଲ୍ଲା ସମ୍ମିଳନୀ, ରାଜ୍ୟ ସମ୍ମିଳନୀ ସହ ସର୍ବ ଭାରତୀୟ ସମ୍ମିଳନୀ ଖମମ ମଧ୍ୟ ରେ ଏକ ବର୍ଷର କାର୍ଯ୍ୟକ୍ରମ ଘୋଷଣା କରାଗଲା। ଜିଲ୍ଲାନେତା ଶ୍ରୀହର୍ଷ ରଥ ଜିଲ୍ଲା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପାଣ୍ଠି ସଂଗ୍ରହ ସହ ପଦଯାତ୍ରା, ମହିଳା ଓ ଛାତ୍ର ସଂଘ ଗଠନର ଆବଶ୍ୟକତା ବରିଷ୍ଠ ନେତା ଗୋକୁଳ ଚନ୍ଦ୍ର ପଣ୍ଡା ରଖିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସହ -ସମ୍ପାଦକ ନୀଳକଣ୍ଠ ଦାଶ, ଛତ୍ରପୁର ଜୋନାଲ ସମ୍ପାଦକ ଡ଼ି ଆଦିନାରାୟଣ ରେଡ୍ଡୀ, ସହ-ସମ୍ପାଦକ ଦୁର୍ଯ୍ୟୋଧନ ପରିଡ଼ା, ଚମାଖଣ୍ଡି ଜୋନାଲ ସମ୍ପାଦକ ସିଏଚ ଜନାର୍ଦ୍ଦନ ରେଡ୍ଡୀ, ସହ -ସମ୍ପାଦକ ଏନ. ଗିରିଜା ପ୍ରସାଦ ରେଡ୍ଡୀ ଓ ଗୁରୁନାଥ ପ୍ରଧାନ, ଗଞ୍ଜାମ ଜୋନାଲ ସମ୍ପାଦକ ବି. ଦଣ୍ଡପାଣି ପାତ୍ର, ଆଇନଜୀବୀ କୈଳାଶ



ପଳାଇ ଓ ଆଦିତ୍ୟ ନାରାୟଣ ମିଶ୍ର, ଏସ. କ୍ରିଷ୍ଣା ରେଡ୍ଡୀ, ନାରୀନେତ୍ରୀ ଏନ. ଭାନୁମତି ରେଡ୍ଡୀ, ଶିକନ୍ଦର ଖାନ, ଏନ ସୁକାନ୍ତ ଆଚାରୀ, ବୁଲୁ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ଗୌଡ଼, କୃଷ୍ଣ ରାଉଳ, କ୍ଷେତ୍ର ମୋହନ ବେହେରା, ଡ଼ ଦୁର୍ଯ୍ୟୋଧନ ପ୍ରଧାନ, ବିଜୟ ପ୍ରଧାନ ଓ ତୁଫାନ ନାହାକଙ୍କ ସମେତ ବହୁ ଦଳୀୟ ନେତା କର୍ମୀମାନେ ଯୋଗଦେଇ ଛତ୍ରପୁର ଉପକଣ୍ଠରେ ଟାଟା ସମେତ ବିଭିନ୍ନ କମ୍ପାନୀରେ ଚାଲିଥିବା ଶ୍ରମିକଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା।

## ୪୦ ୟୁନିଟ୍ ରକ୍ତ ସଂଗୃହୀତ



ରଙ୍ଗେଇଲୁଣ୍ଡା, ୧୦।୧୧(ସମିସ): ରଙ୍ଗେଇଲୁଣ୍ଡା ବ୍ଲକ ରଣ୍ଟା ପଞ୍ଚାୟତର ପଞ୍ଚମା ଗ୍ରାମ କଲ୍ୟାଣ ମଣ୍ଡପରେ ପାତାଳେଶ୍ୱର ଜ୍ଞାନ ମନ୍ଦିର ଯୁବକ ସଂଘ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୁଖ୍ୟ ଅତିଥି ରୂପେ ଜିଲ୍ଲା ପରିଷଦ ଉପସଭାପତି ଏସ୍ ରାଜେଶ୍ୱରୀ ଦୋରା, ରଣ୍ଟା ସରପଞ୍ଚ ଅଜିତ କୁମାର ରାଉଳ, ପୂର୍ବତନ ସରପଞ୍ଚ ପ୍ରଦୀପ ସାହୁ, ଶିକ୍ଷାବିତ ସୁଦର୍ଶନ ମଣ୍ଡଳ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଥିରେ ୪୦ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଅତିଥିମାନେ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଏ ଅବସରରେ ବିଜେଡି ଛାତ୍ର ସଭାପତି ମିଳେନ୍ଦ୍ର ପ୍ରଧାନ, ଭକ୍ତ ନାୟକ, ଲଳିତ ମୋହନ ପ୍ରଧାନ, ରାଜେନ୍ଦ୍ର ବାଡ଼ତ୍ୟ, ଜିତୁ ବାଡ଼ତ୍ୟ, ମିଲୁ ମଣ୍ଡଳ, ସନ୍ତୋଷ ନାହାକ, ହରିହର ପ୍ରଧାନ, ସୁମନ୍ତ ପ୍ରଧାନ, ଶିବ ମଣ୍ଡଳ କୃଷ୍ଣ ମଣ୍ଡଳ ଓ ଏମ୍‌କେସିଜି ମେଡିକାଲର ରକ୍ତ ଭଣ୍ଡାର କର୍ମଚାରୀ ରହିଥିଲେ।

## ସଂକୁଳସ୍ତରୀୟ ପରିଚାଳନା ସମିତି ପ୍ରଶିକ୍ଷଣ



ଛତ୍ରପୁର, ୧୦।୧୧(ସମିସ): ଛତ୍ରପୁର ସଂକୁଳର ପରିଚାଳନା କମିଟି ସଦସ୍ୟଙ୍କ ପ୍ରଶିକ୍ଷଣ ମା' ରାମଚଣ୍ଡୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଦକ୍ଷିଣପୂର୍ବ ସଂଭାଗ ସମ୍ପାଦକ ଦୀପକ କୁମାର ମହାରଣା ଶୁଭାରମ୍ଭ କରିଥିଲେ। ପ୍ରଧାନାଚାର୍ଯ୍ୟ ରବୀନ୍ଦ୍ର ନାଥ ଦାଶ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ସଂଭାଗ ସଂଯୋଜକ ପ୍ରକାଶ ଚନ୍ଦ୍ର ତ୍ରିପାଠୀ ଯୋଗଦେଇ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଆରମ୍ଭରେ ଶିଶୁମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ସଭାପତି ପଦ୍ମଚରଣ ସାହୁ ଅଧ୍ୟକ୍ଷତା କରିଥିଲେ। ବିଭାଗ ନିରୀକ୍ଷକ ସରୋଜ କୁମାର ପଟ୍ଟନାୟକ, ସମ୍ପାଦକ ସନ୍ତୋଷ କୁମାର ସାହୁ, ସହ ସମ୍ପାଦକ ପ୍ରକାଶ ଚନ୍ଦ୍ର ସାହୁ, ସଦସ୍ୟ ରାମଚନ୍ଦ୍ର ପ୍ରସାଦ ପଟ୍ଟନାୟକ ଉପସ୍ଥିତ ଥିଲେ। ସଂକୁଳର ସମସ୍ତ ପ୍ରଧାନାଚାର୍ଯ୍ୟ, ପରିଚାଳନା କମିଟିର ସଦସ୍ୟ ମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ବିଭିନ୍ନ ବ୍ୟବସ୍ଥା ଦାୟିତ୍ୱରେ ଆଚାର୍ଯ୍ୟ ଦୀପକ କୁମାର ଦାଶ ଥିଲେ। ଆଚାର୍ଯ୍ୟ ନୀହାର ରଞ୍ଜନ ମିଶ୍ର ଓ ଆଚାର୍ଯ୍ୟ ବିନିତା ପାତ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

## ବିପଜ୍ଜନକ ଅବସ୍ଥାରେ କବିସୂର୍ଯ୍ୟନଗର କଲଭର୍ଟ

କବିସୂର୍ଯ୍ୟନଗର, ୧୦।୧୧(ସମିସ): ୧୯୬୦ମସିହାରେ ନିର୍ମିତ କବିସୂର୍ଯ୍ୟନଗର ଏନ୍ଏସି। ଦୀର୍ଘ ୬୪ବର୍ଷ ଅତିକ୍ରାନ୍ତ ହେଲାପରେ ବି ପରିମଳ, ରାସନ, ଆବାସ, ବାର୍ଦ୍ଧକ୍ୟ ଭତ୍ତା ଭଳି ବହୁ ମୌଳିକ ସମସ୍ୟା ଏବେ ବି ରହିଛି ଏନ୍ଏସି ଅଞ୍ଚଳରେ। ଏପରିସ୍ଥଳେ ଭେଙ୍କଟେଶ୍ୱର ସାହି ଛକ, ମହାମାୟୀ



ବଜାର ଛକ ସ୍ଥିତ କଲଭର୍ଟ ଦୀର୍ଘ ବର୍ଷ ହେଲା ଭାଙ୍ଗି ରହିଛି। ବହୁ ଲୋକ ପଡ଼ି ଆହତ ହେଲେଣି। ବହୁ ବାଇକ ଆରୋହୀ ଦୁର୍ଘଟଣାର ଶିକାର ହେଲେଣି। ସହରବାସୀ ଏନଏସି ନିର୍ବାହୀ ଅଧିକାରୀ, ଜନପ୍ରତିନିଧି ବାରମ୍ବାର ଅଭିଯୋଗ କରି ଆସୁଥିଲେ ସୁଦ୍ଧା କୌଣସି ସୁଫଳ ମିଳୁନାହିଁ। କେବଳ ଗୋଟିଏ ବାଡ଼ିରେ ଛିଣ୍ଡା ଅଖା ଝୁଲାଇ ଦେଇ ବିପଦକୁ ଟାଳି ବାକୁ ଚେଷ୍ଟା କରାଯାଉଛି। ସିମେଣ୍ଟ ପ୍ଲେଟଗୁଡ଼ିକ ଖଣ୍ଡ ବିଖଣ୍ଡିତ ଅବସ୍ଥାରେ ରହିଛି। ଦେଖିବାକୁ ବାକି ରହିଲା କେବେ ପ୍ରଶାସନ ବା ଜନପ୍ରତିନିଧି ପଦକ୍ଷେପ ନେଉଛନ୍ତି। ଏ ନେଇ ଉପାଧ୍ୟକ୍ଷ ବିକ୍ରାନ୍ତ କୁମାର ସାହୁ କହିଛନ୍ତି, କାଉନସିଲର ମିଟିଂ ପରେ ତୁରନ୍ତ ପଦକ୍ଷେପ ନିଆଯିବ।

## ବିଶ୍ୱ ପରିବେଶ ଚିନ୍ତନ ଦିବସରେ ପ୍ରକୃତି ମାତା ପୂଜା

ଆସିକା, ୧୦।୧୧(ସମିସ): ସ୍ଥାନୀୟ ବାବନପୁର ଗ୍ରାମ ପଞ୍ଚାୟତର ପକୃତି ମାତାଙ୍କ ପୁଣ୍ୟ ପୀଠ ପରିସରରେ ପରିବେଶ ଓ ବିଲୁପ୍ତ ବନ୍ୟ ପ୍ରାଣୀଙ୍କ ସୁରକ୍ଷା ପାଇଁ ଗଡ୍ ସଂସ୍ଥା ପକ୍ଷରୁ ସଚେତନ କର୍ଯ୍ୟକ୍ରମ ଆରମ୍ଭ ହୋଇଛି। ନିକଟସ୍ଥ ଗଡ଼ଗଡ଼ା ପାହାଡ ପାଦଦେଶରେ ପ୍ରକୃତି ମାତାକୁ ପୂଜା କରାଯାଇ ପ୍ରକୃତିର ସୁରକ୍ଷା ପାଇଁ ସଂକଳ୍ପ ନିଆଯାଇଛି। ପଞ୍ଚାୟତ କାର୍ଯ୍ୟାଳୟଠାରେ ଗ୍ରାମବାସୀ ପରିବେଶବିତ୍, ସ୍ୱେଚ୍ଛାସେବୀମାନେ ଏକ ପଟୁଆରରେ ବାହାରି ପ୍ରକୃତି ଓ ବନ୍ୟଜନ୍ତୁର ସୁରକ୍ଷା ନେଇ ସଚେତନ କରିଥିଲେ। ବାବନପୁର ସରପଞ୍ଚ ତଥା ଗଡ୍ ପ୍ରତିଷ୍ଠାତା ସଞ୍ଜୟ କୁମାର ନାୟକଙ୍କ ସଂଯୋଜନାରେ ପରିବେଶ ସୁରକ୍ଷା ନେଇ ବାର୍ତ୍ତା ଦେଇଥିଲେ। ଏନେଇ ସ୍କୁଲରେ ଆୟୋଜିତ ବିଶ୍ୱ ପରିବେଶ ଚିନ୍ତନ ସଭାରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆସିକା ବିଧାୟକ ସରୋଜ କୁମାର ପାଢ଼ୀ ଯୋଗଦେଇ ପରିବେଶ ସୁରକ୍ଷା ସମ୍ପର୍କରେ ସମସ୍ତେ ଯତ୍ନବାନ ହେବା ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଭାରତ ସରକାରଙ୍କ ନୀତି



ଆୟୋଗ ସଦସ୍ୟ ଜଗଦାନନ୍ଦ, ଡାକ୍ତର ଜୟକୃଷ୍ଣ ପାଣିଗ୍ରାହୀ, ଆଇନଜୀବୀ ସୁରେନ୍ଦ୍ର ନାଥ ପଣ୍ଡା, ଶଙ୍କର ପ୍ରାସାଦ ପାଣି, ମହେନ୍ଦ୍ର ସ୍ୱାଇଁ, ପ୍ରତାପ ଭୁଆଁ, ରାଜେନ୍ଦ୍ର ପାତ୍ରଙ୍କ ସମେତ ପକୃତି ମାତା ଭକ୍ତ ଓ ଗ୍ରାମବାସୀ ଯୋଗ ଦେଇଥିଲେ। ଶେଷରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ନୂଆଁ ତନରଡ଼ାରେ ଗୋଷ୍ଠାଷ୍ଟମୀ ଉତ୍ସବ



(ଫ-୬)

ବେଲଗୁଣ୍ଠା, ୧୦।୧୧(ସମିସ): ବେଲଗୁଣ୍ଠା ବ୍ଲକ ନୂଆଁ ତନରଡା ଗ୍ରାମରେ ଗୋଷ୍ଠାଷ୍ଟମୀ ଉତ୍ସବ ପାଳିତ ହୋଇଛି। ଗ୍ରାମର ଏକ ପାରମ୍ପରିକ ଉତ୍ସବ ହୋଇଥିବା ବେଳେ ଗ୍ରାମବାସୀ ଏହାକୁ ଅତି ଉତ୍ସାହର ସହିତ ପାଳନ କରିଛନ୍ତି। ପରମ୍ପରା ମୁତାବକ ଗ୍ରାମର ବାଳ ମୁକୁନ୍ଦ ମନ୍ଦିର ପରିସରରେ ଏହି ଉତ୍ସବ ପାଳନ କରାଯାଇଥିବା ବେଳେ ନିକଟବର୍ତ୍ତୀ ଗ୍ରାମ ଏବଂ ତନରଡା ସ୍ଥିତ ଗୋଶାଳାରୁ ଗ୍ରାମ ତରଫରୁ ଗୋପାଳକ ମାନେ ଗାଇ ଗୋରୁଙ୍କୁ ନିମନ୍ତ୍ରଣ କରି ଗ୍ରାମକୁ ଆଣିଥିଲେ। ଗ୍ରାମରେ ଗୋପୂଜନ କରାଯିବା ସହିତ ପୂର୍ବରୁ ଗ୍ରାମବାସୀଙ୍କ ତରଫରୁ କଟା ଘାସ ଏବଂ ଚାଉଳ, ମାଣ୍ଡିଆରେ ପ୍ରସ୍ତୁତ ଜାଉ ଖାଇବାକୁ ଦିଆଯାଇଥିଲା। ସନ୍ଧ୍ୟାରେ ଛତ୍ରପୁର ଅଞ୍ଚଳରୁ ଆସିଥିବା ଦକ୍ଷିଣୀ ନୃତ୍ୟ ଦଳ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ଦେଖିବା ପାଇଁ ଆଖପାଖ ଗ୍ରାମ ଗୁଡ଼ିକରୁ ବହୁ ଜନ ସମାଗମ ହୋଇଥିଲା। ଗ୍ରାମ୍ୟ କମିଟି ସଭାପତି ପ୍ରଶାନ୍ତ କୁମାର ସ୍ୱାଇଁ, କୋଷାଧ୍ୟକ୍ଷ ବଳରାମ ବେହେରା, ନାମ ସଂକୀର୍ତ୍ତନ ନିର୍ଦ୍ଦେଶକ ନଣ୍ଡା ଜେନା, ଡ୍ରାଇଭର ମହାସଂଘ ସଭାପତି ମଧୁସୂଦନ ଜେନାଙ୍କ ତତ୍ତ୍ୱାବଧାନରେ ସମସ୍ତ ଗ୍ରାମବାସୀ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। (ଫ-୯)

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ

ଗଞ୍ଜାମ, ୧୦।୧୧(ସମିସ): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଦୁଇଦିନ ଧରି ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଛି। ପ୍ରାରମ୍ଭ ଶ୍ରେଣୀଠାରୁ ଆରମ୍ଭ କରି ଦଶମ ଶ୍ରେଣୀ ଶିଶୁ ମାନଙ୍କର ସ୍ତର ଓ ବର୍ଗ ଅନୁଯାୟୀ ବିଭିନ୍ନ ପ୍ରକାର କ୍ରୀଡା ଆୟୋଜିତ ହୋଇଥିଲା। ମୋଟ ୩୬୨ଜଣ ଶିଶୁ କ୍ରୀଡ଼ାରେ ଅଂଶ ଗ୍ରହଣ କରିଥିଲେ। ପରିଚାଳନା ସମିତିର ସଦସ୍ୟ ଉପସ୍ଥିତ ରହି ଶିଶୁଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଗ୍ରାସିମ୍ ଇଣ୍ଡଷ୍ଟ୍ରିର ସିଏସଆର ହେଡ୍ ସସ୍ମିତାବେହେରାଓକଷ୍ଟମଏଣ୍ଡଏକ୍ସାଇଜ ପରିଚାଳକ ହରିହର ପାତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଆସନ୍ତା ଶିଶୁ ଦିବସରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ



କରାଯିବ। ପ୍ରଧାନ ଆଚାର୍ଯ୍ୟ ଆଦିତ୍ୟ ପ୍ରସାଦ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ପରିଚାଳନା କମିଟି ସଭାପତି ବିନୋଦ ଚନ୍ଦ୍ର ମହାପାତ୍ର, ସମ୍ପାଦକ ଗିରିଶ କୁମାର ଆଚାର୍ଯ୍ୟ ପ୍ରମୁଖଙ୍କ ସମେତ ଅନ୍ୟମାନେ ଯୋଗଦେଇ ସମସ୍ତ ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ।

## ମଠ ମନ୍ଦିରରେ ଶ୍ରୀରାଧା ପାଦ ଦର୍ଶନ



ଶେରଗଡ଼, ୧୦।୧୧(ସମିସ): କାର୍ତ୍ତିକ ମାସରେ ପବିତ୍ର ଅଁଳା ନବମୀରେ ଶେରଗଡ଼ ସହର ମଧ୍ୟରେ ଥିବା ସ୍ୱାମୀ ରାଧାକୃଷ୍ଣଙ୍କ ମନ୍ଦିରରେ ରାଧା ପାଦ ଦର୍ଶନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରାତଃରୁ ମଙ୍ଗଳ ଆଳତୀ କରାଯାଇ ଶ୍ରୀ ରାଧାଙ୍କୁ ଓଡ଼ିଆଣୀ ବେଶରେ ସଜ୍ଜିତ କରାଯାଇଥିଲା। ଆଖପାଖ ଅଞ୍ଚଳର ଶହଶହ ଶ୍ରଦ୍ଧାଳୁଙ୍କ ସମାଗମ ହୋଥିଲା। ଭଜନ କୀର୍ତ୍ତନ ଆରମ୍ଭ କରାଯାଇଥିଲା। ରାଧାକୃଷ୍ଣଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା ପରେ ସର୍ବସାଧାରଣଙ୍କ ନିମନ୍ତେ ରାଧା ପାଦ ଦର୍ଶନ କାର୍ଯ୍ୟକ୍ରମ ଚାଲୁ ରହିଥିଲା। ମଠର ମହନ୍ତ କୌଶଳ କିଶୋର ଦାସ ମହାରାଜଙ୍କ ତତ୍ତ୍ୱାବଧାନରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ସେହିପରି ଶେରଗଡ଼ ସହର ସମେତ ବ୍ଲକରେ ଥିବା ବିଭିନ୍ନ ମଠ ଓ ମନ୍ଦିରରେ ଅଁଳାନବମୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।

## ପ୍ରସନ୍ନ କୁମାର ଦଳାଇଙ୍କୁ ବିଶ୍ୱ କବି ସଂଗଠନର ଗୋଲ୍ଡ ମେଡାଲ

କବିସୂର୍ଯ୍ୟନଗର, ୧୦।୧୧(ସମିସ): ଇଂରାଜୀ କବିତାରେ ପାରିଦର୍ଶିତା ଅର୍ଜନ କରି ସାରା ବିଶ୍ୱକୁ ଚକିତ କରିଥିବା ନିପଟ ମଫସଲ ଗାଁ କବିସୂର୍ଯ୍ୟନଗର ବ୍ଲକର



ନନ୍ଦିଆଗଡ଼ା ଗ୍ରାମର ଡ଼ ପ୍ରସନ୍ନ କୁମାର ଦଳାଇଙ୍କୁ ବିଶ୍ୱକବି ସଂଗଠନର ଗୋଲ୍ଡ ମେଡାଲ ପ୍ରଦାନ କରାଯାଇଛି। ଯୁଦ୍ଧ। ଭିମୁଖୀ ପୃଥିବୀର ବିଳୟକୁ ରକ୍ଷା କରିବାକୁ ଏବଂ ଏକ ନୂତନ ପୃଥିବୀ ଗଢ଼ିବା ପ୍ରୟାସକୁ ପ୍ରଶଂସା ନ କରି କେହି ବି ରହିପାରିବ ନାହିଁ। ଆଜି ସେ ବିଶ୍ୱକବି ସଂଗଠନ ପକ୍ଷରୁ ଗୋଲ୍ଡ ମେଡାଲ ପାଇବାରେ ଜଣେ ଅନ୍ୟତମ କବି। ବହୁ ଦେଶବିଦେଶରୁ ବହୁ ଆୱାର୍ଡ ପାଇଁ ଉଚ୍ଚ ପ୍ରଶଂସିତ ହୋଇପାରିଛନ୍ତି ସେ। ବର୍ତ୍ତମାନ କବିସୂର୍ଯ୍ୟନଗର କବିସୂର୍ଯ୍ୟ ବଳଦେବ ବିଜ୍ଞାନ କଲେଜର ଇଂରାଜୀ ଅଧ୍ୟାପକ ଭାବେ କାର୍ଯ୍ୟରତ।

## ବିଜ୍ଞାନ ସ୍ନାତକ ମହାବିଦ୍ୟାଳୟରେ ଆଲୋଚନାଚକ୍ର



ବେଲଗୁଣ୍ଠା, ୧୦।୧୧(ସମିସ): ବେଲଗୁଣ୍ଠା ବିଜ୍ଞାନ ସ୍ନାତକ ମହାବିଦ୍ୟାଳୟରେ କବିସୂର୍ଯ୍ୟନଗରର ଗାୟତ୍ରୀ ପରିବାର ତରଫରୁ 'ଭାରତୀୟ ସଂସ୍କୃତି ଏକ ମହାନ ସଂସ୍କୃତି' ବିଷୟରେ ଏକ ଆଲୋଚନା ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ଭି ଦେବୀପ୍ରସାଦ ପାତ୍ର ଯୋଗ ଦେଇ ଦୀପ ପ୍ରଜ୍ୱଳନ କରିଥିଲା ବେଳେ ବିଶିଷ୍ଟ ଅତିଥି ଭାବେ ଅଧ୍ୟାପକ ସପନ କୁମାର ପ୍ରଧାନ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଗାୟତ୍ରୀ ପରିବାରର ସଦସ୍ୟ ପ୍ରମୋଦ କୁମାର ବେହେରା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଯୁବ ସାମ୍ବାଦିକ ଶିବରାମ ଚୌଧୁରୀ ଓ ତୋଫାନ ସାହୁ ଯୋଗ ଦେଇଥିଲେ। ଶେଷରେ ଅଧ୍ୟାପକ ସପନ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

### ଭାବରଡ଼ା ପଞ୍ଚାୟତରେ ଆଣ୍ଟେଇଛି ବିକାଶ

# ମନରେଗାରେ ୧୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଟଳୁ!

ପୋଲସରା, ୧୦।୧୧(ସମିସ)

ଗଞ୍ଜାମ ଜିଲ୍ଲା ପୋଲସରା ବ୍ଲକ ଭାବରଡ଼ା ପଞ୍ଚାୟତରେ ଏନ୍ଆରଜିଏସ୍ ମନରେଗା କାର୍ଯ୍ୟରେ ବ୍ୟାପକ ଅନିୟମିତତା ହେବା ସାଙ୍ଗକୁ ସରକାରୀ ଅର୍ଥ ହଡ଼ପ ହୋଇଥିବା ସୂଚନା ମିଳିଛି। ଏପରିକି ଖୋଦ୍ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟା, କାର୍ଯ୍ୟନିର୍ବାହୀ ଅଧିକାରୀ, କନିଷ୍ଠ ଯନ୍ତ୍ରୀ, ଗ୍ରାମ ରୋଜଗାର ସେବକ, ରାଜ୍ୟସ୍ତରୀୟ ସୂଚନା ଅଧିକାର କର୍ମୀଙ୍କ ସହ କିଛି ଜନପ୍ରତିନିଧି ଏହି ଅର୍ଥ ହେରଫେରରେ ସାମିଲ ହୋଇଥିବା ନେଇ ଚର୍ଚ୍ଚା ହେଉଛି। ଯାହା ବିଗତ ଦିନମାନଙ୍କରେ ଭାବରଡ଼ା ପଞ୍ଚାୟତର ଉନ୍ନୟନ କାର୍ଯ୍ୟରେ ସରକାରୀ ଅର୍ଥ ଆତ୍ମସାତ ହେଉଥିବା ବେଳେ ସଂପୂର୍ଣ୍ଣ ପଞ୍ଚାୟତରେ ବିକାଶ ଏଠି ଆଣ୍ଟେଇଛି। ଏ ନେଇ ତୁରନ୍ତ ଦୁର୍ନୀତିର ତଦନ୍ତ କରି ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ



ସ୍ଥାନୀୟ ଅଞ୍ଚଳର ସୂଚନା ଅଧିକାର କର୍ମୀ ଓ ଗ୍ରାମର ପ୍ରତିଷ୍ଠିତ ସମାଜସେବୀ ମାନେ ଦାବି କରିଛନ୍ତି। ସୂଚନା ମୁତାବକ ଅନୁସାରେ ଗ୍ରାମର ବିକାଶ ମୂଳକ କାର୍ଯ୍ୟଲାଗି ଗିରି ପାହାଡ଼ ଓ ଗିରିଶୋଲା ପାହାଡ଼ ନାମରେ ୧୪ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଅର୍ଥ ଆସିଥିଲା। ଯାହା ୨୦୨୩-୨୪ ଆର୍ଥିକ ବର୍ଷରେ ଗିରିଶୋଲା ପାହାଡ଼ରେ ପଶୁ ପକ୍ଷୀ ଓ ଜୀବଜନ୍ତୁଙ୍କ ନିମନ୍ତେ ପାଣି ପିଇବା ପାଇଁ ଗାଡ଼ିଆ ଖୋଳିବା ସକାଶେ ୧୦ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ବେଳେ ଗୋଟିଏ ମଧ୍ୟ ଗାଡ଼ିଆ ଖୋଳା ହୋଇ ନଥିବା ଜଣାପଡ଼ିଛି। ସେହିପରି ନିକଟସ୍ଥ ଗିରି ପାହାଡ଼ ନିମନ୍ତେ ୪ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟବରାଦ ହୋଇଥିବା ଜଣାପଡ଼ିଛି। ଯାହା ବହୁ ପୂର୍ବରୁ ପାହାଡ଼ରେ ହୋଇଥିବା ୫୦ରୁ ଊର୍ଦ୍ଧ୍ୱ ପୁରୁଣା ଗାଡ଼ିଆକୁ ଦେଖାଇ ଅର୍ଥ ଅତ୍ମସାତ କରିଥିବା ଜଣାପଡ଼ିଛି। ଏହି ଦୁଇ ଗୋଟି କାମରେ ୧୨ଲକ୍ଷରୁ ଅଧିକ ଟଙ୍କାର ମିଥ୍ୟା ବିଲ୍ କରି ଅର୍ଥ ଆତ୍ମସାତ କରାଯାଇଥିବାର ସତ୍ୟାସତ୍ୟ ଦେଖିବାକୁ ମିଳିଛି। ଏ ନେଇ ପୋଲସରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ଗଞ୍ଜାମ ଜିଲ୍ଲାପାଳ ଭାବରଡା ପଞ୍ଚାୟତରେ ହୋଇଥିବା ବ୍ୟାପକ ଦୁର୍ନୀତି ଏବଂ ସରକାରଙ୍କ ଅର୍ଥ ଆତ୍ମସାତକୁ ତୁରନ୍ତ ଉଚିତ ପଦକ୍ଷେପ ଗ୍ରହଣ କରନ୍ତୁ। ଯଦି ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣନ କରା ନଯାଏ ତେବେ ଆଗାମୀ ଦିନରେ ଅଦାଲତ ତଥା ଲୋକାୟତର ଆଶ୍ରୟ ନିଆଯିବ ବୋଲି ସୂଚନା ଅଧିକାରୀ କର୍ମୀଙ୍କ ସମେତ ବୁଦ୍ଧିଜୀବୀ ମହଲରେ ସୂଚନା ପ୍ରକାଶ ପାଇଛି। ଏନେଇ ପୋଲସରା ଗୋଷ୍ଠୀ ଉନ୍ନୟନ ଅଧିକାରୀ କୁରେଶୀ ଚନ୍ଦ୍ର ଜାନିଙ୍କ ସହ ଯୋଗାଯୋଗ ବେଳେ ସେ କହିଛନ୍ତି ଯେ, ଘଟଣା ସମ୍ପର୍କରେ ଅବଗତ ହୋଇଥିଲେ। ଗାଁକୁ ଯାଇ ତଦନ୍ତ କରି ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି।

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଗିରିଶ ଚନ୍ଦ୍ର ମଲ୍ଲିକ
ଆବିର୍ଭାବ: ୦୫/୦୫/୧୯୬୨
ତିରୋଭାବ: ୦୧/୧୧/୨୦୨୪
ପିତା: ନୀଳମଣି ମଲ୍ଲିକ

ଆପଣଙ୍କ ସ୍ନେହ, ଶ୍ରଦ୍ଧାକୁ ଆମ୍ଭେମାନେ ସଦାସର୍ବଦା ମନେ ରଖିବୁ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ପ୍ରାର୍ଥନା କରୁଛୁ।

ହତଭାଗ୍ୟ ପୁତ୍ର
ସୌଭାଗ୍ୟ ରଞ୍ଜନ ମଲ୍ଲିକ
ହସନାବାଦ, ଗୋପବନ୍ଧୁନଗର
ଥାନା: ଧୁସୁରୀ, ଜିଲ୍ଲା: ଭଦ୍ରକ

## ଷ ଦୋକାନରୁ ଲକ୍ଷ ଟଙ୍କା ହେରଫେର ଅଭିଯୋଗ

**ବ୍ରହ୍ମପୁର,୧୦ ।୧୧(ସମିସ):** କୋର୍ଟପେଟା ସ୍ଥିତ ଏକ ଔଷଧ ଦୋକାନରେ ୪୧ଲକ୍ଷ ଟଙ୍କା ହେରଫେର ହୋଇଥିବା ନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ପ୍ରକାରେ ପୁଲିସ ଏକ ମାମଲା (୫୨୮ /୨୪) ରୁଜୁ କରି ତଦନ୍ତ ଚଳାଇଛି । ଏହି ଦୋକାନରେ ଦିର୍ଘ ବର୍ଷ ଧରି କାରବାର ସମ୍ଭାଳୁଥିବା କୋଳଥି ଗାଁର ବଳରାମ ଦଳବେହେରା ନାମକ ଜଣେ ଯୁବକ ହିଁ ଟଙ୍କା ହଡପ କରିଥିବା ଦୋକାନ ମାଲିକ ଏ.ପ୍ରଦୀପ କୁମାର ଥାନରେ ଲିଖିତ ଅଭିଯୋଗ କରିଛନ୍ତି । ସୂଚନାଯୋଗ୍ୟ ଯେ, କୋପରେଟିଭ କଲୋନୀର ପ୍ରଦୀପଙ୍କ କୋର୍ଟପେଟା ଛକରେ କୃଷ୍ଣଚନ୍ଦ୍ର ମେଡିକାଲ ଷ୍ଟୋର ବା (କେସିଏମ) ନାମରେ ଏକ ଔଷଧ ଦୋକାନ ରହିଛି । ଭାବିନୀପୁରରେ ରହୁଥିବା କୋଳଥି ଗାଁର ବଳରାମ ଆଜକୁ ଅନେକ ବର୍ଷ ଧରି ଏହି ଦୋକାନରେ କର୍ମଚାରୀ ଭାବେ କାରବାର ସମ୍ଭାଳୁଥିଲେ । ସେ ବିଭିନ୍ନ ଷ୍ଟକିଷ୍ଟଙ୍କ ଠାରୁ ଔଷଧ ଆଣିବା ସହ ବିକ୍ରିବଟା ଏବଂ ପେମେଣ୍ଟ ଆଦି ବୁଝାସୁଝା କରୁଥିଲେ । କିଛିମାସ ପୂର୍ବେ ବଳରାମ ଦୋକାନରେ କାମ କରିବେ ନାହିଁ ବୋଲି ମାଲିକ ପ୍ରଦୀପଙ୍କୁ କହିଥିଲେ । ସେହିକ୍ରମରେ ପ୍ରଦୀପ ତାଙ୍କୁ କାରବାରର ହିସାବ ମାଗିଥିଲେ । ସେ ହିସାବ ଦେବା ପରିବର୍ତ୍ତେ ଦିନ ଗଡାଇ ଚାଲିଥିଲେ । ପରେ ପ୍ରଦୀପ ନିଜେ ଦୋକାନର ହିସାବ ଦେଖିବା ବେଳକୁ ବିଭିନ୍ନ ଷ୍ଟକିଷ୍ଟଙ୍କ ଠାରୁ ୪୧ଲକ୍ଷ ୭୫ହଜାର ଟଙ୍କାର ଔଷଧ ଅର୍ଡର କରାଯାଇଥିବା ବେଳେ ସେଗୁଡ଼ିକ ବିକ୍ରି ମଧ୍ୟ ହୋଇଥିବା ଜଣାପଡିଥିଲା । ତେବେ ଔଷଧ ବିକ୍ରି ପରେ ସେହି ଟଙ୍କା ଷ୍ଟକିଷ୍ଟଙ୍କୁ ପେମେଣ୍ଟ ନକରି ନିଜେ ଚଲୁ କରି ଦେଇଥିବା ଜଣାପଡିଥିଲା । ହଡପ ଟଙ୍କା ଫେରସ୍ତ କରିବାକୁ ମାଲିକ ବଳରାମଙ୍କୁ କହିବାରେ ସେ ଫେରାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ଦିର୍ଘ ଦିନ ପରେ ମଧ୍ୟ ଟଙ୍କା ଫେରସ୍ତ କରିନଥିଲେ । ପାଲଟା ମାଲିକ ପ୍ରଦୀପଙ୍କୁ ହତ୍ୟା ଧମକ ଦେଇଥିବା ଅଭିଯୋଗ ହୋଇଛି । ଏନେଇ ଦୋକାନର ମାଲିକ ପ୍ରଦୀପ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।

## ହସ, ଯୋଗ ଓ ବ୍ୟାୟାମ କେନ୍ଦ୍ରରେ ନାମସଂକୀର୍ତ୍ତନ ଓ ନାରାୟଣ ସେବା

**ବ୍ରହ୍ମପୁର,୧୦ ।୧୧(ସମିସ):** ଲାଞ୍ଜିପଲ୍ଲୀ ସ୍ଥିତ ବରିଷ୍ଠ ନାଗରିକ ମଞ୍ଚର ହସ, ଯୋଗ ଓ ବ୍ୟାୟାମ କେନ୍ଦ୍ର ପକ୍ଷରୁ ନାମ ସଂକୀର୍ତ୍ତନ ଓ ନାରାୟଣ ସେବା ଅନୁଷ୍ଠିତ ହୋଇଯାଇଛି । ସଭାପତି ପ୍ରଫେସର ଭାସ୍କର ପାଢ଼ୀ ଏଥିରେ ଅଧ୍ୟକ୍ଷତା କରିଥିଲେ । ଶୀତ ଋତୁର ଆଗମନ ଉପଲକ୍ଷେ ପ୍ରାୟ ୪୦ଜଣ ନାରାୟଣଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ଅରୁଣ କୁମାର ପଣ୍ଡା, ସୁରେଶ ଜେନା, ପ୍ରଫୁଲ୍ଲ ପାତ୍ର, ଶିବରାମ ପାଣିଗ୍ରାହୀ, ବିଭୂତି ଭୂଷଣ ବେହେରା, ସୁଜନ ଶୁକ୍ଳ, ବିଶ୍ୱନାଥ ପଣ୍ଡା, କୈଳାଶ ଚନ୍ଦ୍ର ବେହେରା, ପି. କେ ପଣ୍ଡା, ହରିବନ୍ଧୁ ବେହେରା, ଶାନ୍ତନୁ କୁମାର ମିଶ୍ର, ମନୋଜ କୁମାର ବେହେରା, ଗୌରାଙ୍ଗ ପାଣିଗ୍ରାହିଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ ।

## ବିଭିନ୍ନ ସ୍ଥାନରେ ଅଁଳା ନବମୀ ପାଳିତ



ବ୍ରହ୍ମପୁର,୧୦ ।୧୧(ସମିସ): ସହରର ଗୋଷାଣୀ ନୁଆଗାଁ ସ୍ଥିତ ଗୋକୁଳଧାମ ସମେତ ସହର ସମସ୍ତ ଶୈବ ପୀଠଗୁଡ଼ିକରେ ପବିତ୍ର ଅଁଳା ନବମୀ ପାଳିତ ହୋଇଯାଇଛି । ହିନ୍ଦୁ ଧର୍ମରେ ଅଁଳା ନବମୀର ଅନେକ ମହତ୍ତ୍ୱ ରହିଥିବା ବେଳେ ମହିଳାମାନେ ମା'ଲକ୍ଷ୍ମୀଙ୍କୁ ପୂଜା କରିଥାନ୍ତି । କାର୍ତ୍ତିକ ମାସ ଶୁକ୍ଳପକ୍ଷ ନବମୀ ତିଥିରେ ଅଁଳା ନବମୀ ପାଳନ କରାଯାଏ । ଏହି ଦିନରେ ଅଁଳା ଗଛ ମୂଳରେ କ୍ଷୀର, ଦୀପଧୂପ ଓ ପୁଷ୍ପ ଆଦି ଅର୍ପଣ କରାଯାଏ । ପରେ ବିଧି ପୂର୍ବକ ଅଁଳା ଗଛକୁ ପୂଜା କରାଯାଇ ଅଁଳା ଗଛର ଚାରିପଟେ ୭ଥର ପରିକ୍ରମା କରିଥାନ୍ତି ମହିଳାମାନେ । ଏହି ଦିନରେ ସହରର ବିଭିନ୍ନ ମନ୍ଦିରରେ ରାଧାରାଣୀଙ୍କ ଓଡିଆଣୀ ବେଶ ସାଙ୍ଗକୁ ରାଧାପାଦ ଦର୍ଶନ ପାଇଁ ବହୁ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଛି । ବର୍ଷକରେ ଦିନଟିଏ ରାଧାରାଣୀଙ୍କ ଏହି ଦୁର୍ଲଭ ବେଶ ଦର୍ଶନ କରିବାକୁ ଭକ୍ତଙ୍କର ଭିଡ ଜମିଥିଲା । ଶୃଙ୍ଖଳିତ ଦର୍ଶନ ପାଇଁ ବିଭିନ୍ନ ମନ୍ଦିର କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ।

## ନବଜୀବନ ସେବାଶ୍ରମରେ ଅନ୍ତଲକ୍ଷ୍ମୀ କାର୍ଯ୍ୟକ୍ରମ

**ବ୍ରହ୍ମପୁର,୧୦ ।୧୧(ସମିସ):** ନବଜୀବନ ସେବା ଟ୍ରଷ୍ଟ ପକ୍ଷରୁ ନବଜୀବନ ସେବାଶ୍ରମରେ ରବିବାର ଅନ୍ତଲକ୍ଷ୍ମୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଶ୍ରୀଧର ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ତେବାସୀଙ୍କୁ ନୂତନ ପୋଷାକ ଓ ବିଧବା ମହିଳାଙ୍କୁ ଶୁଖିଲା ରାସନ ସାମଗ୍ରୀ ବଣ୍ଟନ କରାଯାଇଥିଲା । କାର୍ଯ୍ୟକ୍ରମରେ ଆଶ୍ରମର ପରିଚାଳକ ତଥା ସମ୍ପାଦକ ସୁଶାନ୍ତ କୁମାର ମହାରଣା, ସଭାପତି ଡ଼. ସଂଗୀତା ବାବୁ, ହିମାଂଶୁ ଶେଖର ପାତ୍ର, ସୁଦର୍ଶନ ସାମନ୍ତରା, ରତ୍ନାକର ପ୍ରଧାନ, ଚନ୍ଦ୍ରମା କାର୍ଜୀ, ଏ. ଶ୍ରୀକାନ୍ତ ରେଡ୍ଡୀ ଓ ପ୍ରଣବ ପାଢ଼ୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

## ରେଳ ଷ୍ଟେସନ ସମ୍ମୁଖରେ ମନଇଚ୍ଛା ପାର୍କିଂ

# ଏକାଧିକ ଅଟୋ ଉଠାଇନେଲା ପୁଲିସ; ଉତ୍ତେଜନା

ବ୍ରହ୍ମପୁର,୧୦ ।୧୧(ସମିସ)

ରବିବାର ସକାଳେ ବ୍ରହ୍ମପୁର ରେଳ ଷ୍ଟେସନ ସମ୍ମୁଖରେ ବେଆଇନ ଭାବେ ପାର୍କିଂ ହୋଇଥିବା ୪ଟି ଅଟୋକୁ ଜିଆରପି ଥାନା ପୁଲିସ ଉଠାଇନେବା ଘଟଣାକୁ ନେଇ ଅଟୋ ଚାଳକଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି । ପୁଲିସ ଜବତ କରିଥିବା ଅଟୋଗୁଡ଼ିକ ମୁକୁଳାଇବା ଦାବିରେ ରବିବାର ସନ୍ଧ୍ୟାରେ ୨୦ରୁ ଅଧିକ ଅଟୋ ଚାଳକ ଜିଆରପି ଥାନା ସମ୍ମୁଖରେ ଏକତ୍ରିତ ହୋଇଥିଲେ । ତେବେ ପୁଲିସ ପକ୍ଷରୁ ଚାଳକଙ୍କୁ ତାଗିଦ କରିବା ସହ ଟ୍ରାଫିକ ନିୟମ ଓ ପୁଲିସ ସେଠାରେ ରଖିଥିବା ସର୍ତ୍ତ ମାନିବୁ କରିବାରୁ ପୁଲିସ ଜବତ କରିଥିବା ଅଟୋଗୁଡ଼ିକ ଛାଡିଥିଲା । ସୂଚନାଯୋଗ୍ୟ ଯେ, ବ୍ରହ୍ମପୁର ସହରରେ ମୋ ବସ ସେବା ଆରମ୍ଭ ହେବା ପର ଠାରୁ ରେଳ ଷ୍ଟେସନ ସମ୍ମୁଖରେ ଅନେକ ସମୟରେ ଅପ୍ରିତିକର ପରିସ୍ଥିତି ଦେଖିବାକୁ ମିଳୁଛି । ଷ୍ଟେସନକୁ ଯାତ୍ରୀ



ନେବା ଆଣିବା କରିବାକୁ ଯାଉଥିବା ମୋ ବସ ଗୁଡ଼ିକୁ ପ୍ରତ୍ୟେକ ଓ ପରୋକ୍ଷ ଭାବେ ଅଟୋ ଚାଳକମାନେ ବିରୋଧ କରୁଛନ୍ତି । ମୋ ବସ ରେଳ ଷ୍ଟେସନରୁ ଯାତ୍ରୀଙ୍କୁ ନେବାଆଣିବା କରିବା ପରଠାରୁ ଏଠାକାର ଅଟୋଚାଳକଙ୍କ ବ୍ୟବସାୟରେ ଘାଟା ହେଉଛି । ଯାହାକୁ ନେଇ ଅଟୋ ଚାଳକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଲାଗି ରହିଛି । ଅଟୋ ଚାଳକମାନେ ଷ୍ଟେସନକୁ ମୋ ବସ ଯିବାଆସିବାକୁ ବିରୋଧ ମଧ୍ୟ କରୁଛନ୍ତି । ଏପରିକି ପୂର୍ବରୁ ମୋ ବସ ଚାଳକଙ୍କୁ ଅଟୋ ଚାଳକମାନେ ମାଡ ମାରି ଆକ୍ରମଣ କରିଥିବା ମଧ୍ୟ ଅଭିଯୋଗ ହୋଇଥିଲା । ଏଭଳି ସ୍ଥିତିରେ ଷ୍ଟେସନ ବାହାରେ ମୋ ବସ ଯେଉଁଠି ରହୁଛି ସେଠାରେ କିଛି ଅଟୋ ପାର୍କିଂ କରାଯାଇଥିଲା । ଫଳରେ ଅଟୋ ଚାଳକ ଓ ମୋ ବସ କର୍ମଚାରୀ ମଧ୍ୟେ କୌଣସି ଅପ୍ରିତିକର ପରିସ୍ଥିତି ଉପୁଜିବା ଆଶଙ୍କା କରି ଜିଆରପି ଥାନା ପକ୍ଷରୁ ସେହି ବେଆଇନ ଭାବେ ପାର୍କିଂ କରାଯାଇଥିବା ଅଟୋଗୁଡ଼ିକୁ ଜବତ କରି ଥାନାକୁ ନିଆଯାଇଥିଲା । ଏହାପରେ ଷ୍ଟେସନ ଅଟୋଚାଳକ ସଂଘର ବହୁ ସଦସ୍ୟ ଥାନାରେ ପହଞ୍ଚି ଅଟୋଗୁଡ଼ିକୁ ମୁକୁଳାଇବାକୁ ଦାବି କରିଥିଲେ । ଲିଖିତ ପ୍ରତିଶ୍ରୁତି ପରେ ପୁଲିସ ଜବତ ଅଟୋ ଗୁଡିକୁ ଛାଡିଥିଲା ।

## ଶିବା ହତ୍ୟା ଘଟଣା

## ପୁଲିସ କବ୍‌ଜାରେ ଦୁର୍ଦ୍ଦାନ୍ତ ସନ୍ତୋଷ ସମେତ ୩ ଅଭିଯୁକ୍ତ

ବ୍ରହ୍ମପୁର,୧୦।୧୧ (ସମିସ): ଗତ ସେପ୍ଟେମ୍ବର ୧୬ତାରିଖରେ ସଦର ଥାନା ଲାଞ୍ଜିଆ ଗ୍ରାମର ଶିବାଶିଷ ଚୌଧୁରୀ ଓରଫ ଶିବାଙ୍କୁ ହତ୍ୟା କରିବା ପରେ ଡେଙ୍ଗାପଦର ବଜାର ଛକ ନିକଟରେ ଥିବା ପୋଖରୀରେ ପିଙ୍ଗି ଦିଆଯାଇଥିଲା । ଏହି ଘଟଣାରେ ସମ୍ପୃକ୍ତ ରହି ଫେରାର ଥିବା ଦୁର୍ଦ୍ଦାନ୍ତ ଅପରାଧୀ ସନ୍ତୋଷ ଗୌଡ଼ ସମେତ ୩ଜଣଙ୍କୁ ପୁଲିସ ଗିରଫ କରିଥିବା ଜଣାପଡ଼ିଛି । ଗିରଫ ସନ୍ତୋଷରୁ ବ୍ରହ୍ମପୁର ଏସପି ଡ଼ା ସର୍ବଣା ବିବେକ ଏମ ଜେରା କରୁଥିବା ବେଳେ ସନ୍ତୋଷ ଗୌଡ଼ ନାମରେ ୨୫ରୁ ଉର୍ଦ୍ଧ୍ୱ ସଙ୍ଗୀନ ମାମଲା ରହିଛି । ରବିବାର ସନ୍ଧ୍ୟା ପ୍ରାୟ ସାଢ଼େ ୭ ଟାରେ ଦିଗପହଣ୍ଡି ଥାନା ଅଧିକାରୀ ପ୍ରଶାନ୍ତ କୁମାର ପାତ୍ର ସଦଳବଳ ପାଟ୍ରୋଲିଂ କରୁଥିବା ବେଳେ କେ.ନୂଆଗାଁ ଥାନା ଦେଓଖାଳି ଗ୍ରାମରୁ କିଛି ଅଭିଯୁକ୍ତ ଏକ ବଡ଼ ଧରଣର ଅପରାଧ ଘଟାଇବା ପାଇଁ କାରରେ ଦିଗପହଣ୍ଡି ଆସୁଥିବା ଖବର ପାଇଥିଲେ । ପଦ୍ମନାଭପୁର ନିକଟରେ ପୁଲିସ ଟିମ୍ କାର୍‌କୁ ଅଟକାଇ ଯାଞ୍ଚ କରିବାରୁ ଅଭିଯୁକ୍ତମାନେ ପୁଲିସ ଟିମ୍‌କୁ ଆକ୍ରମଣ କରି ଖସି ପଳାଇବାକୁ ଉଦ୍ୟମ କରିଥିଲେ । କିନ୍ତୁ ପୁଲିସ ଟିମ୍ ଗଞ୍ଜାମ ଜିଲ୍ଲା ଗୋଳନ୍ଥରା ଥାନା ହଳଦିଆ ପଦର ଗ୍ରାମରେ ରହୁଥିବାକେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ଥାନା ଚନ୍ଦନପୁର ଗ୍ରାମର ଶୁଭେନ୍ଦୁ କୁମାର ନାୟକ, ହଳଦିଆପଦର ଗ୍ରାମର ଚନ୍ଦନ କୁମାର ସେଠୀ, ନିମଖଣ୍ଡି ଥାନା ବ୍ରଜନଗର ୨ ୟ ଲାଇନରେ ରହୁଥିବା ଶୁଭମ ରାଉଳ ଓ ସଦର ଥାନା ବାଲିପଡ଼ାଗ୍ରାମର ବିକାଶ ବିଷୋୟୀଙ୍କୁ କାବୁ କରି ଥାନାକୁ ଉଠାଇ ଆଣିଥିଲେ । କାର ମଧ୍ୟରୁ ୨ଟି ଖଣ୍ଡା, ଗୋଟିଏ ଲୁହା ଛଡ଼, ଏକ ଖେଳଣା ବନ୍ଧୁକ ଏବଂ ୫ଟି ମୋବାଇଲ ଫୋନ୍‌କୁ ପୁଲିସ ଜବତ କରିଥିଲା । ଅଭିଯୁକ୍ତମାନେ ବୋମାମାଡ଼ ଏବଂ କାର୍ ପୋଡି ଘଟଣାରେ ସମ୍ପୃକ୍ତ ଥିବା ସହ ଗତ ୨୬ ତାରିଖ ସନ୍ଧ୍ୟାରେ ଦିଗପହଣ୍ଡି ସହରରେ ଘଟିଥିବା ବୋମାମାଡ଼ ଘଟଣାରେ ସାମିଲ ଥିଲେ ବୋଲି ପୁଲିସ ନିକଟରେ ସ୍ୱୀକାର କରିଥିଲେ । ବର୍ତ୍ତମାନ ପୁଲିସ ସନ୍ତୋଷ ଗୌଡ଼ଙ୍କ ସମେତ ୩ଜଣଙ୍କୁ ଅଟକ ରଖି ପଚାରଉଚରା କରୁଥିବା ଜଣାପଡ଼ିଛି ।

**କାର୍ ସହ ଖେଳଣା ବନ୍ଧୁକ, ଖଣ୍ଡା, ଲୁହା ଛଡ଼ ଓ ମୋବାଇଲ୍ ଜବତ**

## ଲୁଟେରାଙ୍କ ଟାର୍ଗେଟରେ ମନ୍ଦିର; ଚୋର ଗ୍ୟାଙ୍ଗ ସନ୍ଧାନରେ ପୁଲିସ

**ବ୍ରହ୍ମପୁର,୧୦ ।୧୧(ସମିସ):** ଲୁଟେରାଙ୍କ ଟାର୍ଗେଟରେ ଏବେ ମନ୍ଦିର । ବିନା ଦ୍ୱିଧାରେ ଗୋଟିଏ ପରେ ଗୋଟିଏ ମନ୍ଦିରକୁ ଟାର୍ଗେଟ କରି ଲୁଟି ନେଉଛନ୍ତି ଠାକୁରଙ୍କ ଅଳଙ୍କାର, ହୁଣ୍ଡି ଓ ପୂଜା ସାମଗ୍ରୀ । ଗତ ଏକ ସପ୍ତାହ ମଧ୍ୟରେ ଜିଲ୍ଲାର ୪ଟି ପ୍ରମୁଖ ମନ୍ଦିରରୁ ହୋଇଛି ଚୋରି । ଯାହା ଗଞ୍ଜାମ ପୁଲିସର ଆଖିରୁ ନିଦ ହଜାଇ ଦେଇଛି । ଅନ୍ୟପକ୍ଷରେ ବିଭିନ୍ନ ଥାନା ଇଲାକାରେ ନିୟମିତ ଲୁଟ୍ ପାଟ ଭଳି ଅପରାଧ ନିତିଦିନିଆ ଘଟଣାରେ ପରିଣତ ହୋଇଯାଇଛି । ବିଭିନ୍ନ ସହରରେ ପ୍ରମୁଖ ଛକଗୁଡ଼ିକରେ ସିସିଟିଭି କ୍ୟାମେରା ଲାଗିଛି । କିଛି ଚୋରି ଘଟଣାରେ ଲୁଟେରାଙ୍କ ଫୋଟ ସିସିଟିଭିରେ କଏଦ ମଧ୍ୟ ହୋଇଛି । ଉକ୍ତ ଫୁଟେଜକୁ ନେଇ ପୁଲିସ ଲୁଟେରାଙ୍କୁ ଚିହ୍ନଟ କରୁଥିଲେ ମଧ୍ୟ ସେମାନଙ୍କ ନିକଟରେ ପହଞ୍ଚି ପାରୁ ନଥିବା ଜଣାପଡିଛି । । ଶୁକ୍ରବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଆସିକା ଥାନା ଅନ୍ତର୍ଗତ ଆଲିପୁର ଶିବ ମନ୍ଦିରର ଦାନହୁଣ୍ଡି ଭାଙ୍ଗି ୫୦ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଚୋରି କରି ନେଇଥିବା ଅଭିଯୋଗ ହୋଇଛି । ସେହିପରି ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ ପର୍ଯ୍ୟଟନ ସ୍ଥଳୀ ନିର୍ମଳଝର ପରିସରରେ ଥିବା ନୀଳକଣ୍ଠେଶ୍ୱର ମନ୍ଦିରରୁ ଗୁରୁବାର ବିଳମ୍ବିତ ରାତିରେ ଚୋରି ହୋଇଛି । ଅନୁରୂପ ଭାବେ କୋଟି କୋଟି ଓଡ଼ିଆଙ୍କ ଆରାଧ୍ୟ ଦେବୀ ତଥା ଗଞ୍ଜାମର ଇଷ୍ଟଦେବୀ ମା' ତାରାତାରିଣୀଙ୍କ ମନ୍ଦିରରୁ ଚୋରି ଘାଟଣର ୪୮ ଘଣ୍ଟା ନପୁରୁଣୁ ପୁଣି ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ସ୍ଥିତ ଓଡ଼ିଶାର ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ନିର୍ମଳଝରର ପରିସର ମନ୍ଦିରରୁ ହୁଣ୍ଡି ଭାଙ୍ଗି ଦୁର୍ବୃତ୍ତ ଲୁଟି ନେଇଛନ୍ତି । କିଛି ସ୍ଥାନରୁ ପୁଲିସ ସିସିଟିଭି ଫୁଟେଜ ସଂଗ୍ରହ କରି ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିବା ବେଳେ ତାରାତାରିଣୀ ମନ୍ଦିର ଚୋରି ଘଟଣାରେ ଏକାଧିକ ଦୁର୍ବୃତ୍ତକୁ ଥାନାରେ ଅଟକ ରଖି ପଚରାଉଚରା କରିଥିବା ଜଣାପଡିଛି । ଦୁର୍ବୃତ୍ତଙ୍କୁ ଧରିବା ପାଇଁ ପୁଲିସ ଏକ ଟିମ ଗଠନ କରି ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି । ତେବେ ଜିଲ୍ଲାରେ ସିରିଜି ମନ୍ଦିର ଚୋରୀ ଘଟଣାରେ ଗୋଟିଏ ଗ୍ୟାଙ୍ଗର ସମ୍ପୃକ୍ତି ରହିଛି ଅଥବା ପୃଥକ ପୃଥକ ଘଟଣାରେ ଭିନ୍ନ ଗ୍ୟାଙ୍ଗର ସମ୍ପୃକ୍ତି ରହିଛି ତାହା ମଧ୍ୟ ଅନୁସନ୍ଧାନ ସାପେକ୍ଷ । କ୍ରମାଗତ ମନ୍ଦିର ଚୋରୀ ଘଟଣା ଘଟିଥିବା ବେଳେ କୌଣସି ଗୋଟିଏ ଘଟଣାରେ ମଧ୍ୟ ପୁଲିସକୁ ସଫଳତା ମିଳିପାରି ନାହିଁ । ଯାହା ପୁଲିସ ପାଇଁ ମୁଣ୍ଡବ୍ୟଥାର କାରଣ ସାଜିଛି ।

- **ପୁଲିସର ଆଖିରୁ ନିଦ ହଜାଇ ଦେଇଛି**
- **ସପ୍ତାହରେ ୪ଟି ମନ୍ଦିରରୁ ଚୋରି ଘଟଣା**

## ଓଡ଼ିଶା ମେଡିକାଲ୍ ଲାବୋରାଟୋରୀ ଟେକ୍ନିକାଲ୍ ଆସୋସିଏସନର ବୈଠକ

ବ୍ରହ୍ମପୁର,୧୦ ।୧୧(ସମିସ): ଏମକେସିଜି ମେଡ଼ିକାଲ ପରିସରରେ ଥିବା ସେଣ୍ଟ୍ରାଲ ଲାଇବ୍ରେରୀରେ ଓଡିଶା ମେଡିକାଲ୍ ଲାବୋରାଟୋରୀ ଟେକ୍ନିକାଲ୍ ଆସୋସିଏସନର ବୈଠକ ଅନୁଷ୍ଠିତ ହୋଇଯାଇଛି । ଏମକେସିଜି ମେଡ଼ିକାଲର ବରିଷ୍ଠ ଲାବୋରାଟୋରୀ ଟେକ୍ନିକାଲ୍ ପ୍ରଦୀପ ଶତପଥୀ ଅଧ୍ୟକ୍ଷତା କରିଥିଲେ । କରୋନାରେ ମୃତ୍ୟୁ ଲାବୋରାଟୋରୀ ଟେକ୍ନିକାଲଙ୍କ ଆକାର ସଦଗତି ନିମନ୍ତେ ଏକ ମିନଟ ନିରବ ପ୍ରାର୍ଥନା କରାଯାଇଥିଲା । ନୂତନ ଭାବେ ଚୟତ ହୋଇଥିବା ଆସୋସିଏସନର କର୍ମକର୍ତ୍ତାମାନେ ଶପଥ ପାଠ କରିଥିଲେ ।



ବୈଠକରେ ଆସୋସିଏସନର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମରେ ଆସୋସିଏସନରର ସଭାପତି ଲେନିନ କୁମାର ପଣ୍ଡା, ସମ୍ପାଦକ ଅନନ୍ତ ଭଦ୍ରା, ଯୁଗ୍ମ ସମ୍ପାଦକ ପ୍ରୀତି ରଞ୍ଜନ, କୋଷାଧ୍ୟକ୍ଷ ସନ୍ତୋଷ କୁମାର ଦଳେଇ, ଗୌରୀଶଙ୍କର ମିଶ୍ରଙ୍କ ସମେତ ୩୦ଟି ଜିଲ୍ଲାର ଜୋନାଲ ସଭାପତିଙ୍କ ଅଂଶ ଗ୍ରହଣ କରିଥିଲେ ।

## ୧୬ନମ୍ବର ଏନ୍‌ଏଚ୍‌ରେ ଓଭରବ୍ରିଜ ନିର୍ମାଣ ଦାବି

ବ୍ରହ୍ମପୁର,୧୦ ।୧୧(ସମିସ): ଛତ୍ରପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବିଜ୍ଞାନ ମହାବିଦ୍ୟାଳୟ ଛକ ଠାରୁ ଡିଆରଡିଏ ଛକ ଜାତୀୟ ରାଜପଥରେ ଓଭରବ୍ରିଜ ନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବାକୁ କେନ୍ଦ୍ର ସଡକ ଓ ପରିବହନ ଓ ରାଜପଥ ମନ୍ତ୍ରୀ ନିତିନ ଗଡକରୀଙ୍କୁ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ପତ୍ର ଲେଖି ଅନୁରୋଧ କରିଛନ୍ତି । ବିଧାୟକଙ୍କ ଦାବିକୁ ସ୍ୱାଗତ କରିଛନ୍ତି ବିଜେଡିର ବରିଷ୍ଠ ନେତା ତଥା ପୂର୍ବତନ ସାଂସଦ ଚନ୍ଦ୍ରଶେଖର ସାହୁ । କେବଳ ଛତ୍ରପୁର ଠାରେ ନୁହଁ ବରଂ ଗଞ୍ଜାମ ଜିଲ୍ଲାର ୧୬ନମ୍ବର ଜାତୀୟ ରାଜପଥରେ ହୁମ୍ମା ଠାରୁ କନିଷି ମଧ୍ୟରେ ୩ଟି ଓଭର ବ୍ରିଜ ଓ ୭ଟି ଅଣ୍ଡର ପାସ ନିର୍ମାଣ ପାଇଁ ଗତ ସରକାରରେ ବ୍ରହ୍ମପୁର ସାଂସଦ ସଂସଦରେ ବାରମ୍ବାର ଦାବୀ ଉପସ୍ଥାପନ କରିଥିଲେ । ପରେ ଦାବି ମୁତାବକ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରକଳ୍ପକୁ ଅନୁମୋଦନ ମଧ୍ୟ ମିଳିଥିଲା । ଏଥିପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇ ସାରିଥିଲେ ହେଁ ଜାଣିଶୁଣି ଏହାକୁ ବିଳମ୍ବ କରାଯାଉଥିବା ଅଭିଯୋଗ କରିଛନ୍ତି ଚନ୍ଦ୍ରଶେଖର ସାହୁ । ତେବେ ବର୍ତ୍ତମାନ ଉଭୟ କେନ୍ଦ୍ର ଓ ରାଜ୍ୟରେ ବିଜେପିର ଡବଲ ଇଂଜିନ ସରକାର ଥିବା ବେଳେ କେବଳ ଛତ୍ରପୁର ବିଧାୟକ କାହିଁକି ବ୍ରହ୍ମପୁର ସାଂସଦଙ୍କ ସମେତ ବ୍ରହ୍ମପୁର, ଗୋପାଳପୁର, ଛତ୍ରପୁର ଓ ଚିକିଟି ବିଧାୟକ ମଧ୍ୟ ଏନେଇ ଦାବିକୁ ଜୋରଦାର କରି ପ୍ରକଳ୍ପକୁ ତ୍ୱରାନ୍ୱିତ କରିବାକୁ ସେ ପରାମର୍ଶ ଦେଇଛନ୍ତି । ଏହି ପ୍ରକଳ୍ପର ଆବଶ୍ୟକତା ବେଶୀ ଥିବା ବେଳେ ଜାତୀୟ ରାଜପଥରେ ଓଭର ବ୍ରିଜ ଓ ଅଣ୍ଡର ପାସ ନଥିବା କାରଣରୁ ୧୬ନମ୍ବର ଜାତୀୟ ରାଜପଥ ବିଭିନ୍ନ ସ୍ଥାନରେ ମରଣଯନ୍ତା ପାଲଟିଛି । ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ହୁମ୍ମା ଠାରୁ କନିସି ପର୍ଯ୍ୟନ୍ତ ଜନସାଧାରଣ ଉପକୃତ ହୋଇପାରନ୍ତେ ବୋଲି କହିଛନ୍ତି ପୂର୍ବତନ ସାଂସଦ ଚନ୍ଦ୍ରଶେଖର ସାହୁ ।

## ମହାତ୍ମାଗାନ୍ଧୀ ଷ୍ଟାଡିୟମ୍‌ରେ ବକ୍ସିଂ ଓ ହ୍ୟାଣ୍ଡବଲ କୋର୍ଟ ପ୍ରତିଷ୍ଠା ପ୍ରସ୍ତାବ

ବ୍ରହ୍ମପୁର,୧୦ ।୧୧(ସମିସ): ମହାତ୍ମାଗାନ୍ଧୀ ଷ୍ଟାଡିୟମ୍‌ରେ ବକ୍ସିଂ ଓ ହ୍ୟାଣ୍ଡବଲ କୋର୍ଟ ପ୍ରତିଷ୍ଠା ପ୍ରସ୍ତାବ ଦିଆଯାଇଛି । ଏନେଇ ସ୍ଥାନୀୟ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର ଉଦ୍ୟମ କରିଛନ୍ତି । ପୂର୍ବ ସରକାର ଅମଳରରେ ବ୍ରହ୍ମପୁର ସ୍ଥିତ ମହାତ୍ମାଗାନ୍ଧୀ ଷ୍ଟାଡିୟମର କଳେବର ପରିବର୍ତ୍ତନ ହୋଇଥିଲା । ଷ୍ଟାଡିୟମ ପରିସରରେ ଭାରୋତ୍ତଳନ, ଟେନିସ, ବାସ୍କେଟବଲ, କ୍ରିକେଟ ଓ ସନ୍ତରଣ ଭଳି ବିଭାଗରେ ଅତ୍ୟାଧୁନିକ ଭିତ୍ତିଭୂମିର ବିକାଶ ସହିତ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ତେବେ ଏଠାରେ ଆଥଲେଟିକ ଟ୍ରାକ, ଚଲାପଥ ସହିତ ବକ୍ସିଂ ଓ ହ୍ୟାଣ୍ଡବଲ ଭଳି ଖେଳ ପାଇଁ କୌଣସି ପ୍ରକାରର ବ୍ୟବସ୍ଥା ନାହିଁ । ଗତ ଅଗଷ୍ଟ ମାସରେ ରାଜ୍ୟ କ୍ରୀଡାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ବ୍ରହ୍ମପୁର ଷ୍ଟାଡିୟମ ପରିଦର୍ଶନ ସମୟରେ ଖେଳାଳିମାନେ ବିଭିନ୍ନ ଦାବି ଜଣାଇଥିଲେ । ଦାବି ସହିତ ଷ୍ଟାଡିୟମରେ ଆନୁସଙ୍ଗିକ ବ୍ୟବସ୍ଥା କରିବାକୁ ମନ୍ତ୍ରୀ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ । ଆଗକୁ ବିଧାନସଭାର ଶୀତକାଳିନ ଅଧିବେସନ ଥିବା ବେଳେ ନିକଟରେ ମହାତ୍ମାଗାନ୍ଧି ଷ୍ଟାଡିୟମକୁ ବ୍ରହ୍ମପୁର ବିଧାୟକ ବାରମ୍ବାର ଗସ୍ତ କରି ଭିତ୍ତିଭୂମିର ସମୀକ୍ଷା କରିଛନ୍ତି । ଏବଂ ଷ୍ଟାଡିୟମରେ ସ୍ୱତନ୍ତ୍ର ବକ୍ସିଂ ରିଂ ସହିତ ହ୍ୟାଣ୍ଡବଲ ପାଇଁ ସିନ୍ଥେଟିକ ପଡିଆ ପାଇଁ ସ୍ଥାନ ଚିହ୍ନଟ କରିଥିବା ଜଣାପଡିଛି । ବିଧାୟକ କେ. ଅନୀଲ କୁମାର ଗସ୍ତ କାଳରେ ଷ୍ଟାଡିୟମ ଇନଚାର୍ଜ ସଂଜୀବ ସାହୁ ଓ ଜିଲ୍ଲା କ୍ରୀଡ଼ା ଅଧିକାରୀ ସନ୍ତୋଷ ସାହୁଙ୍କ ସହିତ ମଧ୍ୟ ଏନେଇ ଆଲୋଚନା କରିଥିବା ଜଣାପଡିଛି । ବ୍ରହ୍ମପୁର ସହରରୁ ଗତ କିଛି ବର୍ଷ ଧରି କ୍ରମାଗତ ଭାବେ ଉଭୟ ବକ୍ସିଂ ଓ ହ୍ୟାଣ୍ଡବଲରେ ଶତାଧିକ ଖେଳାଳି ଉଭୟ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଅଂଶଗ୍ରହଣ କରି କୃତିତ୍ୱ ହାସଲ କରିଛନ୍ତି । ଏଣୁ ଆସନ୍ତା ଶୀତକାଳିନ ଅଧିବେଶନରେ ଏନେଇ ଦାବି କରିବା ସହିତ କ୍ରୀଡାମନ୍ତ୍ରୀଙ୍କ ସହ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ନେବାକୁ ଉଦ୍ୟମ କରିବେ ବୋଲି କହିଛନ୍ତି ବିଧାୟକ କେ. ଅନୀଲ କୁମାର । ଷ୍ଟାଡିୟମରେ ଉଭୟ ବକ୍ସିଂ ଓ ହ୍ୟାଣ୍ଡବଲ ପାଇଁ ସ୍ଥାନ ଚିହ୍ନଟ ହେବା ସହିତ ବିଧାୟକଙ୍କ ଏନେଇ ସବୁଜ ସଙ୍କେତ ଖେଳାଳୀମାନଙ୍କ ସହିତ ଉଭୟ ବକ୍ସିଂ ଓ ହ୍ୟାଣ୍ଡବଲ ସଂଘର କର୍ମକର୍ତ୍ତାଙ୍କୁ ଉତ୍ସାହ ଯୋଗାଇଛି । ଏଥିପାଇଁ ଜିଲ୍ଲା ହ୍ୟାଣ୍ଡବଲ ସଂଘର ମୁଖ୍ୟକୋଚ ତଥା ଏନଆଇଏସ କୋଚ ପ୍ରଶାନ୍ତ କୁମାର ରଥ, କାର୍ଯ୍ୟକାରୀ ସଭାପତି ଅଶୋକ ଶୁକ୍ଳ, ସମ୍ପାଦକ ସୁରେଶ ଚନ୍ଦ୍ର ପାଢୀ, କୋଷାଧ୍ୟକ୍ଷ ଡା. ମନୋଜ ପାତ୍ରଙ୍କ ସମେତ ବକ୍ସିଂ ସଂଘର ପ୍ରଭାକର ରାଓ, ଶିବ ପାତ୍ର, ଶିଶିର ପାଣିଗ୍ରାହୀ ପ୍ରମୁଖ ବିଧାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି ।

## ଏମ୍‌କେସିଜି ପିଏମଆର କୋଠାର ଲିଫ୍ଟ ପୁଣି ଅଚଳ

# ରୋଗୀ ହନ୍ତସନ୍ତ

ବ୍ରହ୍ମପୁର,୧୦ ।୧୧(ସମିସ)

ଏମକେସିଜି ହସ୍ପିଟାଲରେ ରୋଗୀଙ୍କ ଦୁଃଖ ଦିନକୁ ଦିନ ବଢ଼ିବାରେ ଲାଗିଛି । ମେଡ଼ିକାଲରେ କେତେବେଳେ ଡ଼ାକ୍ତରଙ୍କ ଅନୁପସ୍ଥିତି ତ ଆଉ କେତେବେଳେ ଚିକିତ୍ସା ନିମନ୍ତେ ରୋଗୀଙ୍କୁ ଟଙ୍କା ଦାବି କରାଯାଉଥିବା ଭଳି ଅଭିଯୋଗ ରହିଛି । ସେପଟେ ରୋଗୀଙ୍କ ସୁବିଧା ପାଇଁ ଆନୁସଙ୍ଗିକ ବ୍ୟବସ୍ଥା କରାଯାଉଥିଲେ ହେଁ ତାହାର ରକ୍ଷଣାବେକ୍ଷଣ ସଠିକ ଭାବେ କରାଯାଉନଥିବାରୁ ରୋଗୀ ତଥା ସେମାନଙ୍କ ସମ୍ପର୍କିୟଙ୍କୁ ନାହିଁ ନଥିବା ସମ୍ମୁଖୀନ ହେବାକୁ ପଡୁଛି । ଏମକେସିଜି ମେଡ଼ିକାଲରେ ଥିବା ବହୁତଳ ବିଶିଷ୍ଟ ବିଭିନ୍ନ କୋଠାରେ ରୋଗୀଙ୍କ ଗମନାଗମନର ସୁବିଧା ପାଇଁ ଲିଫ୍ଟର ବ୍ୟବସ୍ଥା କରାଯାଇଛି । ତେବେ ସେଥି ମଧ୍ୟରୁ ଏକାଧିକ ଲିଫ୍ଟ ନିୟମିତ ଭାବେ ରୋଗୀଙ୍କ କାର୍ଯ୍ୟରେ ଆସୁନାହିଁ । ଯାହାକୁ ନେଇ ରୋଗୀଙ୍କ ମହଲରେ ଅସନ୍ତୋଷ ଦେଖିବାକୁ ମିଳିଛି । ଏମକେସିଜି ହସ୍ପିଟାଲର ବିଭିନ୍ନ କୋଠାରେ ପ୍ରତିଷ୍ଠା ହୋଇଥିବା ଲିଫ୍ଟ ଗୁଡିକର ରକ୍ଷଣାବେକ୍ଷଣ ପାଇଁ ଘରୋଇ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି । ଏଥିପାଇଁ



ମାସିକ ଲକ୍ଷ ଲକ୍ଷ ଟଙ୍କା ସରକାରୀ ତହବିଲରୁ ଖର୍ଚ୍ଚ ହେଉଛି । ହେଲେ ଦାୟିତ୍ୱରେ ଥିବା ସଂସ୍ଥା ଏଥିରେ ଅବହେଳା କରୁଥିବାରୁ ଲିଫ୍ଟ ଗୁଡିକ ବିଭିନ୍ନ ସମୟରେ ଅଚଳ ହେଉଥିବା ଦେଖିବାକୁ ମିଳୁଛି । ସେହିପରି ମେଡ଼ିକାଲର ୪ମହଲା ବିଶିଷ୍ଟ ପିଏମଆର କୋଠାରେ ରୋଗୀ ଓ କର୍ମଚାରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ୨ଟି ଲିଫ୍ଟର ବ୍ୟବସ୍ଥା କରାଯାଇଛି । ଗୋଟିଏ ରୋଗୀଙ୍କ ପାଇଁ ଏବଂ ଅନ୍ୟଟି ଡାକ୍ତର ଓ ମେଡ଼ିକାଲ କର୍ମଚାରୀଙ୍କ ପାଇଁ ସଂରକ୍ଷିତ ରହିଛି । ଉକ୍ତ କୋଠାରେ ମେଡ଼ିକାଲ ଷ୍ଟୋର ସମେତ ଆଇଡି ୱାଡର୍(ସଂକ୍ରାମଣକ ରୋଗ) ଓ ଗ୍ୟାଷ୍ଟ୍ରୋଏଣ୍ଟ୍ରୋଲୋଜି ବିଭାଗ ମଧ୍ୟ ରହିଛି । ପ୍ରତ୍ୟେକ ଦିନ ବହୁ କର୍ମଚାରୀଙ୍କ ସମେତ ରୋଗୀମାନେ କୋଠାର ବିଭିନ୍ନ ମହଲାକୁ ଯିବା ଆସିବା କରିଥାନ୍ତି । କିନ୍ତୁ ଗତ କିଛି ଦିନ ଧରି ଏହି କୋଠାରେ ଲାଗିଥିବା ଲିଫ୍ଟ ଅଚଳ ହୋଇପଡ଼ିଥିବା ଦେଖିବାକୁ ମଳିଛି । ଫଳରେ ରୋଗୀ ଏବଂ ବିଭିନ୍ନ ବିଭାଗକୁ ଆସୁଥିବା ଡ଼ାକ୍ତର ଓ କର୍ମଚାରୀଙ୍କୁ ପାହାଚ ବ୍ୟବହାର କରି ଯାତାୟତ କରିବାକୁ ପଡୁଛି । ବିଶେଷକରି ଭିନ୍ନକ୍ଷମ ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ଉପର ମହଲାକୁ ଯିବାରେ ବହୁ କଷ୍ଟ ସ୍ୱୀକାର କରୁଛନ୍ତି । ମେଡ଼ିକାଲର ପିଏମଆର କୋଠାରେ ଲାଗିଥିବା ଦୁଇଟି ଲିଫ୍ଟକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ଦାବି ହୋଇଛି । ସେପଟେ ଏଭଳି ଘଟଣା ବାରମ୍ବାର ହେଉଥିଲେ ହେଁ ଲିଫ୍ଟ ଗୁଡିକର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ଘରୋଇ ସଂସ୍ଥାକୁ କାରଣ ଦର୍ଶାଅ ନୋଟିସ କିମ୍ବା କୌଣସି ପ୍ରକାରର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ସମ୍ପୃକ୍ତ ସଂସ୍ଥା କର୍ତ୍ତୃପକ୍ଷଙ୍କୁ ବେଖାତିର କରୁଥିବା ଅଭିଯୋଗ ହୋଇଛି ।

## ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘର କାର୍ଯ୍ୟକାରିଣୀ



**ବ୍ରହ୍ମପୁର,୧୦ ।୧୧(ସମିସ):** ପ୍ରେମନଗର ସ୍ଥିତ କାର୍ଯ୍ୟାଳୟରେ ରବିବାର ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟାର) ଗଞ୍ଜାମ ଜିଲ୍ଲା ଶାଖାର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଭାପତି ସନ୍ତୋଷ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟ ସଭାପତି ରଞ୍ଜନ କୁମାର ଦାସ ଯୋଗଦେଇ ଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ । ବିଶେଷ କରି ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡିକର ପେନସନ ପ୍ରଦାନ ଓ ଚାକିରୀ ସର୍ତ୍ତାବଳୀ ତୁରନ୍ତ ପ୍ରଦାନ ନେଇ ସରକାରଙ୍କ ଆଗରେ ଦାବି ଉପସ୍ଥାପନ କରିଥିଲେ । ପ୍ରାକ୍ତନ ରାଜ୍ୟ ସଭାପତି ପ୍ରଭାତ ଦାସ, ଉପସଭାତି ବିପ୍ରଚରଣ ଚୌଧୁରୀ, ଉପଦେଷ୍ଟା ହିମାଂଶୁ କୁମାର ପଟ୍ଟନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଡ଼. ବିଜୟ ଚନ୍ଦ୍ର ମହରଣା, ରାମଚନ୍ଦ୍ର ପଲେଇ, ଜିଲ୍ଲା ଉପସଭାପତି ରମେଶ ଚନ୍ଦ୍ର ହୋତା ପ୍ରମୁଖ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ । ସେହିପରି ଜିଲ୍ଲା ସମ୍ପାଦକ ବିଜୟ କୁମାର ବେହେରା ତୃଣମୂଳ ସ୍ତରରୁ ସଂଗଠନକୁ ମଜବୁତ କରିବା ପାଇଁ ଆହ୍ୱାନ ଦେଇଥିଲେ । ବୈଠକରେ ସଭ୍ୟ ସଂଗ୍ରହ, ଆଗାମୀ ବାର୍ଷିକ ପରୀକ୍ଷା ସମେତ ଶିଶୁଉତ୍ସବକୁ ସମସ୍ତ ବ୍ଲକସ୍ତରରେ ପାଳନ କରିବାକୁ ଆଲୋଚନା ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଯୁଗ୍ମ ସମ୍ପାଦିକା ବାସନ୍ତୀ କୁମାରୀ ଷଡ଼ଙ୍ଗୀ, ସୁଖଲତା ତ୍ରିପାଠୀ, ହରିହର ରାଉତ, ବଳରାମ ବାରିକ ଯୁଗ୍ମସମ୍ପାଦକ ପିତାମ୍ବର ପାଢ଼ୀ, ଭୀମସେନ ଗୌଡ଼, ମଧୁସୂଦନ ଦାସ, କେଦାରନାଥ ପଟନାୟକ, ଭୀମସେନ ଗୌଡ଼, ନୀଳାମ୍ବର ପଟ୍ଟନାୟକ, ଧୀରେନ୍ଦ୍ର ନାଥ, ଶିବରାମ ମହାରଣା ଓ ଶେଷଦେବ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ଧ୍ୱଂସାଭିମୁଖୀ ଖଲ୍ଲିକୋଟ ଶ୍ରୀଜଗନ୍ନାଥ ମନ୍ଦିର

ଖଲ୍ଲିକୋଟ, ୧୦।୧୧ (ସମିସ)

● ସିଂହଦ୍ୱାର ଗୁମୁଟରୁ ପୁଣି ଖସିଲା ପଥର
● ପୂର୍ବରୁ ଦୁଇଥର ଖସିଥିଲା
● ବିପଦରେ ମର୍ଦ୍ଦରାଜ ବଂଶର ଅକ୍ଷୟ କୀର୍ତ୍ତି



ଖଲ୍ଲିକୋଟ ଶ୍ରୀଜଗନ୍ନାଥ ମନ୍ଦିରରୁ ପୁଣି ଖସିଲା ପଥର। ସିଂହଦ୍ୱାର ଗୁମୁଟରୁ ଏକ ବଡ଼ ପଥର ଶନିବାର ରାତିରେ ଖସି ପଡ଼ିଛି। ଦୁଇବର୍ଷ ତଳେ ସେହି ଗୁମୁଟର ଯେଉଁ ସ୍ଥାନରୁ ପଥର ଖସିଥିଲା, ଗତକାଲି ତା'ର ବିପରୀତ ଦିଗରୁ ପଥର ଖସିଛି। ସେହିପରି ଗତ ୪ ମାସ ତଳେ ମୁଖ୍ୟ ମନ୍ଦିରର ଉତ୍ତର ଦିଗରେ ଥିବା ଏକ ସିଂହ ପଥର ମୂର୍ତ୍ତି ଖସି ପଡ଼ିଥିଲା। ଖାଲି ସେତିକି ନୁହେଁ, ମନ୍ଦିରକୁ ଦୀର୍ଘ ଦୁଇ ବର୍ଷ ଧରି ଘେରି ରହିଥିବା ବାଉଁଶଗୁଡ଼ିକୁ ବାହାର କରିବା ବେଳେ ଦକ୍ଷିଣ ଦିଗରେ ଥିବା ବରାହ ମୂର୍ତ୍ତି ଭାଙ୍ଗିଯାଇଥିଲା। କହିବାକୁ ଗଲେ, ୩୦୦ ବର୍ଷର ପୁରାତନ ଏହି ଖଲ୍ଲିକୋଟ ଶ୍ରୀଜଗନ୍ନାଥ ମନ୍ଦିର ଏବେ ଧ୍ୱଂସାଭିମୁଖୀ। କିନ୍ତୁ ଏହାର ରକ୍ଷଣାବେକ୍ଷଣ ଓ ମରାମତି ନେଇ କୌଣସି ପଦକ୍ଷେପ ନିଆଯାଉନାହିଁ। ଏହାକୁ ନେଇ ଜଗନ୍ନାଥପ୍ରେମୀ ଓ ଶ୍ରଦ୍ଧାଳୁଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଛି।

ଖଲ୍ଲିକୋଟ ସହର କେନ୍ଦ୍ରସ୍ଥଳରେ ଥିବା ୩ ଶହ ବର୍ଷର ପୁରାତନ ଏହି ମନ୍ଦିରର ମରାମତି ପାଇଁ ବିଭିନ୍ନ ମହଲରେ ଦାବି ହେବା ପରେ ପୁରୀ ଗଜପତି ମହାରାଜାଙ୍କ ସମେତ ବହୁ କେନ୍ଦ୍ରୀୟ ନେତା, ମନ୍ତ୍ରୀ ବିଭିନ୍ନ ସମୟରେ ମନ୍ଦିର ପରିଦର୍ଶନ କରି ଖୁବ୍‌ଶୀଘ୍ର ମନ୍ଦିରର ମରାମତି କାର୍ଯ୍ୟ ଆରମ୍ଭ ହେବ ବୋଲି କହିଛନ୍ତି। କିନ୍ତୁ ଏଯାବତ୍ ମନ୍ଦିର ପାଇଁ କୌଣସି ସରକାରୀ ଅନୁଦାନ ଘୋଷଣା ହୋଇପାରିନାହିଁ। ତେଣୁ ବେଳକୁ ବେଳ ମନ୍ଦିର ଦୁର୍ବଳ ହେଉଥିବା ବେଳେ ଗୋଟିଏ ପରେ ଗୋଟିଏ ପଥର ଖସିବାରେ ଲାଗିଛି। ପଥରରେ ନିର୍ମିତ ଭାସ୍କର୍ଯ୍ୟ ସବୁ ମଧ୍ୟ ନଷ୍ଟ ହେବାରେ ଲାଗିଲାଣି।

ଶ୍ରୀଜଗନ୍ନାଥ ମନ୍ଦିରର ଥିବା ମୁଖ୍ୟ ମନ୍ଦିରର କେବଳ ଅଁଳାଶ୍ରୀ ମରାମତି ହୋଇଥିବା ବେଳେ ଟଙ୍କା ଅଭାବରୁ ମରାମତି ପାଇଁ ବନ୍ଧା ଯାଇଥିବା ବାଉଁଶ ବହୁ ଦିନ ପରେ ବାହାର କରିଦିଆଯାଇଥିଲା। ତେବେ ତୁରନ୍ତ ରାଜ୍ୟ ସରକାର ଏହା ଉପରେ ଦୃଷ୍ଟି ନ ଦେଲେ, ମର୍ଦ୍ଦରାଜ ବଂଶର ଏହି ଅକ୍ଷୟ କୀର୍ତ୍ତି ସବୁଦିନ ପାଇଁ ଲୋପ ପାଇଯିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇନପାରେ।

ଅପରପକ୍ଷେ, ଖଲ୍ଲିକୋଟରେ ଥିବା ରାଧାକୃଷ୍ଣ ମନ୍ଦିର ଓ ଜାଙ୍କ ନାରାୟଣ ମଠ ମଧ୍ୟ ଭୁଶୁଡ଼ିବା ପରିସ୍ଥିତିକୁ ଚାଲି ଆସିଲାଣି। ଏହି ଦୁଇ ମଠ ଓ ମନ୍ଦିର ଉପରେ ବଡ଼ବଡ଼ ଗଛ ଉଠିଗଲାଣି। ରକ୍ଷଣାବେକ୍ଷଣ ଅଭାବରୁ ମନ୍ଦିରରୁ ପଥର ଖସିବାରେ ଲାଗିଛି। ଜାଙ୍କ ନାରାୟଣ ମଠର କାନ୍ଥରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇ ସେଥିରେ ସରୀସୃପ ରହୁଛନ୍ତି। ପୂଜକ ପୂଜା କରିବା ପାଇଁ ଭିତରକୁ ଯିବାକୁ ଭୟ କରୁଛନ୍ତି। ତେଣୁ ଖଲ୍ଲିକୋଟ ଶ୍ରୀଜଗନ୍ନାଥ ମନ୍ଦିର ସହିତ ରାଧାକୃଷ୍ଣ ମନ୍ଦିର ଓ ଜାଙ୍କ ନାରାୟଣ ମଠର ପୁନରୁଦ୍ଧାର କରିବା ପାଇଁ ସରକାର ଖୁବ୍‌ଶୀଘ୍ର ପଦକ୍ଷେପ ନେବା ପାଇଁ ଖଲ୍ଲିକୋଟ ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ପ୍ରମୋଦ କୁମାର ପଟ୍ଟନାୟକ, ୧ ନମ୍ବର ୱାର୍ଡର କାଉନସିଲର ପ୍ରଦୀପ କୁମାର ପଟ୍ଟନାୟକ, ଡକ୍ଟର ଏପିଜେ ଅବଦୁଲ କାଲାମ ଜନକଲ୍ୟାଣ ଟ୍ରଷ୍ଟର ସଭାପତି ପୂର୍ଣ୍ଣଚନ୍ଦ୍ର ବେହେରା ଓ ଆଇନଜୀବୀ ଅରୁଣ କୁମାର ସିଂହଙ୍କ ସମେତ ଖଲ୍ଲିକୋଟର ବହୁ ବୁଦ୍ଧିଜୀବୀ ଓ ଜଗନ୍ନାଥ ପ୍ରେମୀ ଦାବି କରିଛନ୍ତି। ଆବଶ୍ୟକ ପଡ଼ିଲେ, ଏଥିପାଇଁ ଆନ୍ଦୋଳନ କରାଯିବ ବୋଲି ମଧ୍ୟ ସେମାନେ ଚେତାବନୀ ଦେଇଛନ୍ତି।

## ଶ୍ୱଶୁର ଘର ଗାଁ ପୋଖରୀରେ ବୁଡ଼ି ଜ୍ୱାଇଁ ମୃତ

କୁକୁଡ଼ାଖଣ୍ଡି, ୧୦।୧୧(ସମିସ): ସଦର ଥାନା ଦକ୍ଷିଣପୁର ପଞ୍ଚାୟତ ଅନ୍ତର୍ଗତ ଗୁଣ୍ଡବନ୍ଧ ଗ୍ରାମ ପୋଖରୀରେ ବୁଡ଼ିଯାଇ ନାୟକ ସାହିର ନୀଳ ନାୟକଙ୍କ ଜ୍ୱାଇଁ ଉମାକାନ୍ତ ନାୟକ (୨୫)ଙ୍କ ମୃତ୍ୟୁ ହୋଇଛି। ସୂଚନା ପ୍ରକରେ ନୀଳ ନାୟକଙ୍କ ଝିଅକୁ ତୁରୁବୁଡି ଗ୍ରାମର ଉମାକାନ୍ତ ନାୟକ ବିବାହ କରିଥିଲେ। ବିବାହ ପରେ ସେ ରାଜ୍ୟ ବାହାରକୁ ଯାଇ କାମ କରୁଥିଲେ। ଫେରିବା ପରେ ମାସେ ହେଲା ଉମାକାନ୍ତ ଶ୍ୱଶୁରଙ୍କ ଘରେ ରହି ଏକ ମାର୍ବଲ ଫ୍ୟାକ୍ଟ୍ରିରେ କାମ କରୁଥିଲା। ଶନିବାର ଉମାକାନ୍ତ ନିଜ ଶାଶୂ ଓ ସ୍ତ୍ରୀଙ୍କ ଦେହ ଅସୁସ୍ଥ କହି କାମକୁ ନଯାଇ ଗାଁ ମୁଣ୍ଡରେ ଥିବା ଏକ ପୋଖରୀ ତୁଠରେ ବସି ମଦ୍ୟପାନ କରୁଥିବା ଗ୍ରାମ ଲୋକ ଦେଖିଥିଲେ। ଏହି ଖବର ଶୁଣି ସନ୍ଧ୍ୟା ସମୟରେ ଶାଶୂ ନୀଳ ପୋଖରୀ ତୁଠକୁ ଯାଇ ଉମାକାନ୍ତଙ୍କୁ ଘରକୁ ଡାକିଥିଲେ। ହେଲେ ଉମାକାନ୍ତ ପରେ ଆସିବି କହିବାରୁ ଶାଶୂଙ୍କୁ ଫେରାଇ ଦେଇଥିଲେ। ତେବେ ଦୀର୍ଘ ସମୟ ପରେ ବି ସେ ଘରକୁ ଫେରିନଥିଲେ। ଏପରିକି ଉମାକାନ୍ତ ପୋଖରୀ ତୁଠରେ ନଥିବାରୁ ସମସ୍ତେ ଖୋଜାଖୋଜି କରିବା ସହ ପୁଲିସ ଓ ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ସଦର ଥାନା ପୁଲିସ ଓ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ବହୁ ଖୋଜାଖୋଜି ପରେ ମଧ୍ୟ ଶନିବାର ଉମାକାନ୍ତଙ୍କ ସନ୍ଧାନ ପାଇପାରିନଥିଲେ। ରବିବାର କାଳେ ପୁଣି ଖୋଜାଖୋଜି କରାଯାଇଥିଲା। ଖୋଜାଖୋଜିବେଳେ ଉମାକାନ୍ତଙ୍କ ମୃତଦେହ ପୋଖରୀ ମଧ୍ୟରୁ ଉଦ୍ଧାର କରାଯାଇଥିଲା। ଏ ନେଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ବଡ଼ ମେଡିକାଲକୁ ପଠାଇଥିବା ଥାନା ଅଧିକାରୀ ରାମ ସୁବ୍ରମଣ୍ୟମ ପ୍ରଧାନ ସୂଚନା ଦେଇଛନ୍ତି।



## ପାଟ୍ରୋଲିଂ ସହ ମଦୁଆଙ୍କୁ ଧରିବାକୁ ଦାବି

ହୁମା, ୧୦।୧୧(ସମିସ): ରମ୍ଭା ଥାନା ହୁମ୍ମା ଓ ପାଲୁର ଜଙ୍କସନ ଅଞ୍ଚଳରେ ମଦ୍ୟପଙ୍କ ଅସାମାଜିକ କାର୍ଯ୍ୟ ବୃଦ୍ଧି ପାଇବାରେ ଲାଗିଛି। ମଦ୍ୟପ ରାସ୍ତାରେ ଯାଉଥିବା ମହିଳା ଓ ଝିଅଙ୍କୁ କମେଣ୍ଟ ମାରିବା ସହ କଠିନ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରୁଥିବା ଦେଖିବାକୁ ମିଳିଛି। ସାଧାରଣ ଲୋକେ ଏହାର ପ୍ରତିବାଦ କରିବାକୁ ଭୟ କରୁଛନ୍ତି। ପ୍ରତ୍ୟେକ ଦିନ ମଦୁଆଙ୍କ ଉତ୍ପାତରେ ଲୋକେ ଅତିଷ୍ଠ ହୋଇଛନ୍ତି। ପୁଲିସର ପାଟ୍ରୋଲିଂ ସହ ମଦୁଆମାନଙ୍କୁ ଧରିବା ପାଇଁ ମଦୁଆ ଧରା ଗାଡ଼ିର ବ୍ୟବସ୍ଥା ରମ୍ଭା ଓ ପାଲୁର ଜଙ୍କସନ ଓ ହୁମ୍ମା ସହରରେ କରିବାକୁ ଦାବି ହେଉଛି।

● ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

## ୯ ମାସରେ ୬୧୯ ଦୁର୍ଘଟଣା; ୩୦୧ ମୃତ

ଛତ୍ରପୁର, ୧୦।୧୧(ସମିସ): ଗଞ୍ଜାମ ଜିଲ୍ଲାରେ ଦୈନିକ ସଡ଼କ ଦୁର୍ଘଟଣା ପାଇଁ ବହୁ ଲୋକ ମୃତାହତ ହେଉଛନ୍ତି। ଏ ନେଇ ସଚେତନତାକୁ ପ୍ରାଧାନ୍ୟ ଦିଆଯାଉଛି। ଗଞ୍ଜାମ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଆର୍‌ଟିଓ ମାନସ ରଞ୍ଜନ ସାହୁଙ୍କ ତତ୍ତ୍ୱାବଧାନରେ ଏମଭିଆଇ ରବୀନ୍ଦ୍ର ନାଥ ଜେନା ଛତ୍ରପୁର କାରମେଲ ସିନିୟର ସେକେଣ୍ଡାରୀ ସ୍କୁଲରେ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ସ୍କୁଲ ପିଲାମାନଙ୍କ ପାଇଁ ନିୟୋଜିତ ହୋଇଥିବା ଗାଡ଼ି ଚାଳକମାନଙ୍କୁ ସଚେତନତ। କରାଯାଇଥିଲା। ଗାଡ଼ି ଚଳାଇବା ବେଳେ ସିଟ୍ ବେଲ୍ଟ ବ୍ୟବହାର, ମୋବାଇଲ ଫୋନ ବ୍ୟବହାର ମନା, ଗାଡ଼ିର ଫିଟ୍‌ନେସ୍ ଠିକ ରଖିବା, ମଦ୍ୟପାନ କରି ଗାଡ଼ି ନଚଳାଇବା, ବସ୍‌ରେ ଫାଷ୍ଟଏଡ୍ ବକ୍ସ ରଖିବା ଉପରେ ବୁଝାଇଥିଲେ। ପରେ ସ୍କୁଲ ଛାତ୍ରଛାତ୍ରୀଙ୍କୁ ସଡ଼କ ସୁରକ୍ଷା ଉପରେ ସଚେତନତା କରାଇଥିଲେ। ଭିଡିଓ ମାଧ୍ୟମରେ ସଡ଼କ ସୁରକ୍ଷା ଓ ନିୟମ ଉପରେ କ୍ଷୁଦ୍ର ପ୍ରାମାଣିକ ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା। ସଡ଼କ ସୁରକ୍ଷା ନେଇ ଏକ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଏମ୍‌ଭିଆଇ ରବୀନ୍ଦ୍ର ନାଥ ଜେନା ପୁରସ୍କୃତ କରିଥିଲେ। ସଚେତନତା କାର୍ଯ୍ୟକ୍ରମରେ ସ୍କୁଲର ପ୍ରିନ୍ସପାଲ୍ ସିଷ୍ଟର ଡୋରେଟଙ୍କ ସମେତ ସ୍କୁଲ ଗାଡ଼ି ଚାଳକ, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ସୂଚନା ଥାଉକି ଗଞ୍ଜାମ ଜିଲ୍ଲାରେ ଜାନୁଆରୀରୁ ସେପ୍ଟମ୍ବର ମାସ ସୁଦ୍ଧା ୬୧୯ ଟି ସଡ଼କ ଦୁର୍ଘଟଣା ଘଟି ୩୦୧ଲୋକଙ୍କ ମୃତ୍ୟୁ ହୋଇଥିବା ବେଳେ ୪୭୧ଜଣ ଆହତ ହୋଇଥିବା ଗଞ୍ଜାମ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ କୁହାଯାଇଛି।



## ମହାଲକ୍ଷ୍ମୀ ମନ୍ଦିର ପ୍ରତିଷ୍ଠା ପାଇଁ ପ୍ରସ୍ତୁତି ବୈଠକ

କୋଦଳା, ୧୦।୧୧(ସମିସ): କୋଦଳା ଜଗନ୍ନାଥ ମନ୍ଦିର ପରିସରରେ ବହୁ ପ୍ରତିକ୍ଷିତ ତଥା ନୂତନ ମହାଲକ୍ଷ୍ମୀ ମନ୍ଦିରର ପ୍ରତିଷ୍ଠା ଉତ୍ସବ ପାଳନ ଓ ମହାଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ବର୍ଷ ଧରି ଉତ୍ସାହି ଦାତାଙ୍କ ଆର୍ଥିକ ସହାୟତାରେ ନିର୍ମାଣ ଧୀନ ମହାଲକ୍ଷ୍ମୀ ମନ୍ଦିର ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ମନ୍ଦିର ରତ୍ନମୁଦ ଓ ପ୍ରାସାଦ ପ୍ରତିଷ୍ଠା କାର୍ଯ୍ୟ ସମାପନ କରାଯିବ। ଉତ୍ତମ ପୂଜା ପଦ୍ଧତି ସହିତ ଏକ ବିରାଟ ଯଜ୍ଞର ଆୟୋଜନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ପ୍ରାରମ୍ଭିକ ପର୍ଯ୍ୟାୟରେ ମନ୍ଦିରର ବାର୍ଷିକ ଭୋଗ, ନୀତିକାନ୍ତି ନିମନ୍ତେ ଏକ ପରିଚାଳନା କମିଟି ସ୍ଥିର କରାଯାଇଥିଲା।



● ଆଇନଜୀବୀଙ୍କୁ ଏସିଡ୍ ମାଡ଼ ଘଟଣା

## ଅଭିଯୁକ୍ତ ଗିରଫ ନ ହେଲେ କୋର୍ଟ ବନ୍ଦ କରିବ ଓକିଲ ସଂଘ



ପାରଳାଖେମୁଣ୍ଡି, ୧୦।୧୧(ସମିସ): ପାରଳାଖେମୁଣ୍ଡି ସହରର ଜଙ୍ଗମ ସାହି ନିବାସୀ ବରିଷ୍ଠ ଆଇନଜୀବୀ ପି.ରାମାରାଓଙ୍କ ଘରେ ପଶି ଏସିଡ୍ ମାଡ଼ ଘଟଣାର ୨୪ ଘଣ୍ଟାରୁ ଅଧିକ ସମୟ ହୋଇଛି। ହେଲେ ଏପର୍ଯ୍ୟନ୍ତ ପୁଲିସ ଦୁର୍ବୃତ୍ତଙ୍କ ଟେର୍ ପାଇପାରିନାହିଁ। ବର୍ତ୍ତମାନ ବି ପୁଲିସ ହାତ ଖାଲି ଥିବାବେଳେ ଘଟଣାକୁ ପାରଳାଖେମୁଣ୍ଡି ଓକିଲ ସଂଘର ତୀବ୍ର ନିନ୍ଦା କରାଯାଇଛି। ଦୁର୍ବୃତ୍ତ ଗିରଫ ନ ହେଲେ ଜିଲ୍ଲା ବନ୍ଦ ଡାକରା ଦିଆଯାଇଛି। ସୂଚନା ଯୋଗ୍ୟ ଯେ, ଶନିବାର ଦୁର୍ବୃତ୍ତଙ୍କ ଏସିଡ ମାଡରେ ଆହତ ରାମାରାଓଙ୍କୁ ପ୍ରଥମେ ତାଙ୍କୁ ପାରଳାଖେମୁଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ପରେ ସାରା ଚକ୍ଷୁ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ବିଶାଖପାଟଣା ସ୍ଥାନାନ୍ତର କରାଯାଇଥିଲା। ପାରଳାଖେମୁଣ୍ଡି ଥାନା ପୁଲିସ ମାମଲା ରୁଜୁ କରିବା ସହ ତଦନ୍ତ ଜାରି ରଖିଛି। ଘଟଣାକୁ ନିନ୍ଦା କରି ରବିବାର କୋର୍ଟ ପରିସରରେ ପାରଳାଖେମୁଣ୍ଡି ଓକିଲ ସଂଘର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ପୁଲିସର ହାତ ଖାଲି ଥିବାକୁ ନେଇ ଚର୍ଚ୍ଚା ହୋଇଥିଲା। ଏହାସହ ସହରର ଜନସାଧାରଣଙ୍କ ଜୀବନ ସୁରକ୍ଷା ନେଇ ମଧ୍ୟ ଆଲୋଚନା ହୋଇଥିଲା। ବୈଠକରେ ସୋମବାର ସୁଦ୍ଧା ଦୁର୍ବୃତ୍ତଙ୍କୁ ଗିରଫ କରା ନ ଗଲେ କୋର୍ଟ ବର୍ଜନ ସହ ପାରଳାଖେମୁଣ୍ଡି ସହର ସମେତ ଗଜପତି ଜିଲ୍ଲା ବନ୍ଦ ଡାକରା ଦିଆଯିବାକୁ ନିଷ୍ପତ୍ତି ହୋଇଥିବା ଜଣାଯାଇଛି। ଏନେଇ ରାଜ୍ୟ ଓକିଲ ସଂଘ ଓ ରାଜ୍ୟର ସମସ୍ତ ସଙ୍ଘର ସହଯୋଗ ଲୋଡାଯିବ ବୋଲି ଓକିଲ ସଂଘ ପକ୍ଷରୁ କୁହାଯାଇଛି। ସେହିପରି ଓକିଲ ସୁରକ୍ଷା ଆଇନ୍ ଲାଗୁ ପାଇଁ ଦାବି ଜୋରଦାର ହେବ। ଏଥିସହ ଆହତଙ୍କୁ ଚିକିତ୍ସା ଖର୍ଚ୍ଚ ସହ ୩୦ ଲକ୍ଷ ଟଙ୍କା କ୍ଷତପୂରଣ ସହାୟତା ରାଶି ଘୋଷଣା ନିମନ୍ତେ ଦାବି ହୋଇଛି।

## ଭଞ୍ଜନଗର-ସୀମାଞ୍ଚଳ ବସ୍ ସେବା ଲୋକାର୍ପିତ



ଭଞ୍ଜନଗର, ୧୦।୧୧(ସମିସ): ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ତୀର୍ଥ ସ୍ଥାନକୁ ବସସେବା ଆରମ୍ଭ ହୋଇଛି। ଏହିକ୍ରମରେ ରବିବାର ଭଞ୍ଜନଗରଠାରୁ ଆନ୍ଧ୍ରପ୍ରଦେଶର ସୀମାଞ୍ଚଳକୁ ନୂତନ ବସ୍‌ସେବା ଆରମ୍ଭ ହୋଇଛି। ସ୍ଥାନୀୟ ଓଏସ୍‌ଆରଟିସି ବସଷ୍ଟାଣ୍ଡ ପରିସରରେ ଲୋକାର୍ପଣ ଉତ୍ସବ ଆୟୋଜିତ ହୋଇଥିଲା। ସ୍ଥାନୀୟ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ନୂତନ ଭଲ୍‌ଭୋ ବସ ସେବାକୁ ଜନସାଧାରଣଙ୍କ ନିମନ୍ତେ ଉତ୍ସର୍ଗ କରିଛନ୍ତି। ପୂର୍ବରୁ ଏହି ରୁଟ୍‌ରେ ହାଇକମ୍ ବସ ଚାଲୁଥିବାରୁ ଏଥିରେ ଯାତ୍ରା କରିବା ଯାତ୍ରୀମାନଙ୍କ ପାଇଁ ଆରମଦାୟକ ହୋଇପାରୁନଥିଲା। ତେଣୁ ସେ ରାଜ୍ୟ ସରକାରଙ୍କ ନିକଟରେ ଦୃଷ୍ଟି ଆକର୍ଷଣ କରିବାପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭଞ୍ଜନଗରକୁ ୨ଟି ଭଲ୍‌ଭୋ ବସ ପ୍ରଦାନ କରିଛନ୍ତି। ଆଉ ଏହି ଆରମଦାୟକ ସେବା ରବିବାର ଠାରୁ ଆରମ୍ଭ ହୋଇଥିବାରୁ ସେ ନିଜର ଖୁସିବ୍ୟକ୍ତ କରିଛନ୍ତି। ଏହି ଲୋକାର୍ପଣ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଉପଜିଲ୍ଲାପାଳ ଅନୀଲ କୁମାର ସେଠୀ, ଓଏସଆରଟିସି ଡିଏମ୍ ବିଶ୍ୱରଂଜନ ମହାନ୍ତି, ଭଞ୍ଜନଗର ଓଏସଆରଟିସି ଡିଟିଏମ୍ ସୁମନ କୁମାର ସାହୁ, ନଗର ସାଂସଦ ପ୍ରତିନିଧି ସନ୍ତୋଷ କୁମାର ତିଆଡି, ନଗରପାଳ ଗୋପବନ୍ଧୁ ମହାପାତ୍ର ଓ ଏବିଡିଓ ପୂର୍ଣ୍ଣଚନ୍ଦ୍ର ପାଢ଼ୀ ପ୍ରମୁଖ ମଞ୍ଚାସୀନ ରହିଥିଲେ। ପ୍ରାରମ୍ଭରେ ଡିଏମ୍ ବିଶ୍ୱରଂଜନ ମହାନ୍ତି ଏହି ବସସେବାର ଆଭିମୁଖ୍ୟ ସଂପର୍କରେ ଉଲ୍ଲେଖ କରିଥିଲେ। ଶେଷରେ ଡିଟିଏମ୍ ସାହୁ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଭଞ୍ଜନଗରରୁ ଏହି ଭଲ୍‌ଭୋ ବସଟି ସଂଧ୍ୟା ୭ଟାରୁ ବାହାରି ବ୍ରହ୍ମପୁର ଦେଇ ବିଶାଖାପାଟଣା ହୋଇ ଶେଷରେ ସିମାଞ୍ଚଳ ପହଞ୍ଚିବ। ଠିକ୍ ସେହି ରୁଟ୍‌ରେ ସିମାଞ୍ଚଳରୁ ସଂଧ୍ୟାରୁ ବାହାରି ଏଠାରେ ତାପର ଦିନ ଭୋରରୁ ପହଞ୍ଚିବ। ଏଥିପାଇଁ ଟିକେଟର ମୂଲ୍ୟ ୭୮୦ ଟଙ୍କା ରହିଥିବା ଜଣାପଡ଼ିଛି। ତେବେ ମହିଳାମାନଙ୍କ କ୍ଷେତ୍ରରେ ଏହି ଟିକେଟ୍ ଦର ଅଧା ରହିବ ବୋଲି ଓଏସଆରଟିସି ପକ୍ଷରୁ ସୂଚନା ଦିଆଯାଇଛି।

## ମୋଟାବାଡ଼ି ସରପଞ୍ଚଙ୍କୁ ଆକ୍ରମଣ



ବୁଗୁଡ଼ା, ୧୦।୧୧(ସମିସ): ବୁଗୁଡ଼ା ବ୍ଲକ ଅନ୍ତର୍ଗତ ମୋଟାବାଡ଼ି ସରପଞ୍ଚ ପିଣ୍ଟୁ ସେଠୀଙ୍କୁ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ପିଣ୍ଟୁ ରବିବାର ମୋଟାବାଡି-ନାଗିରି ରାସ୍ତାରେ ଥିବା ଝଞ୍ଜିରୀ ଗାଡ଼ିଆ ନିକଟରେ ରହି କାମ ନିରୀକ୍ଷଣ କରୁଥିବା ବେଳେ ଅପରାହ୍ନ ପ୍ରାୟ ସାଢେ ୪ଟା ସମୟରେ ଦୀପକ ରାଉତ ନାମକ ଜଣେ ଯୁବକ ତାଙ୍କୁ ଗାଳି ଗୁଲଜ କରିବା ସହ ଆକ୍ରମଣ କରିଥିବା ସେ ଅଭିଯୋଗ କରିଛନ୍ତି। ଆକ୍ରମଣରେ ସରପଞ୍ଚଙ୍କ ମୁହଁ, ଡାହାଣ ହାତ ଓ ଗୋଡ଼ରେ ଆଘାତ ଲାଗିଥିବା ଜଣାପଡ଼ିଛି। ଖବର ପାଇ ବୁଗୁଡ଼ା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଛି।

● ମଧ୍ୟାହ୍ନଭୋଜନ ବନ୍ଦ ଘଟଣା

## ପ୍ରଧାନଶିକ୍ଷୟିତ୍ରୀ ନିଲମ୍ବିତ

ଫୁଲବାଣୀ, ୧୦।୧୧(ସମିସ): କନ୍ଧମାଳ ଜିଲ୍ଲା ଫୁଲବାଣୀ ପୌରାଞ୍ଚଳ ସାଇନପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୪ ଦିନ ଧରି ମଧ୍ୟାହ୍ନ ଭୋଜନ ବନ୍ଦ ରହିବା ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଦାୟିତ୍ୱରେ ଅବହେଳା ପାଇଁ ପ୍ରଧାନ ଶିକ୍ଷୟିତ୍ରୀ ମମତା ମଞ୍ଜରୀ ବେହେରାଙ୍କୁ ନିଲମ୍ବିତ କରିଛନ୍ତି ଗୋଷ୍ଠୀ ଶିକ୍ଷା ଅଧିକାରୀ। ସୂଚନାଯୋଗ୍ୟ, ଏହି ବିଦ୍ୟାଳୟରେ ପ୍ରାୟ ୧୦ ଦିନ ପୂର୍ବେ ମଧ୍ୟାହ୍ନଭୋଜନ ଚାଉଳ ସରି ଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ କିଛି ଦିନ ନିକଟସ୍ଥ ଅଙ୍ଗନବାଡ଼ି କେନ୍ଦ୍ରରୁ ଚାଉଳ ଧାର ଆଣି କାମ ଚଳାଇଥିଲେ। ପରେ ୪ ଦିନମଧ୍ୟାହ୍ନଭୋଜନ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଅଭିଭାବକ ଅଭିଯୋଗ କରିବା ପରେ ଘଟଣା ପଦାକୁ ଆସିଥିଲା। ଏ ନେଇ ଖବର ପ୍ରକାଶିତ ହେବା ପରେ ପ୍ରଧାନଶିକ୍ଷୟିତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଦାୟିତ୍ୱରେ ଅବହେଳା ଯୋଗୁଁ ତାଙ୍କୁ ନିଲମ୍ବିତ କରାଯାଇଥିବା ପ୍ରକାଶ ସିଆରସିସି ରବୀନ୍ଦ୍ର ଦିଗାଲ କହିଛନ୍ତି। ଅପରପକ୍ଷରେ ଏ ନେଇ ଉପରିସ୍ଥ ଅଧିକାରୀଙ୍କୁ ପୂର୍ବରୁ ଅବଗତ କରାଇଥିବା ପ୍ରଧାନ ଶିକ୍ଷୟିତ୍ରୀ କହିଛନ୍ତି।

## ଭାରତୀୟ ଜନତା ପାର୍ଟିର ମିଶ୍ରଣ ପର୍ବ

ଭଞ୍ଜନଗର, ୧୦।୧୧(ସମିସ): ଏହି ବ୍ଲକର ଦୋମୁହାଁଣି ପଞ୍ଚାୟତ ଅନ୍ତର୍ଗତ ସୁଦୀର୍ଘ ପାହାଡ ଉପରେ ଥିବା ଆଦିବାସୀ ଗାଁ ଗହପଦର ଗ୍ରାମର ୨୨ପରିବାରର ୬୦ଜଣ ସଦସ୍ୟ ରବିବାର ଭାଜପାରେ ଯୋଗ ଦେଇଛନ୍ତି। ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ସମସ୍ତଙ୍କୁ ସ୍ୱାଗତ କରିବା ସହ ଆଗାମୀ ଦିନରେ ଗ୍ରାମ ପରିଦର୍ଶନରେ ଯିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହ ଗ୍ରାମକୁ ବିଦ୍ୟୁତ୍ ସେବା କିଭଳି ଆସିବ, ପକ୍କା ରାସ୍ତା ନିର୍ମାଣ ସହ ଗ୍ରାମରେ ଏକ ବିଦ୍ୟାଳୟ ଖୋଲିବା ପାଇଁ ମଧ୍ୟ ପଦକ୍ଷେପ ନିଆଯିବ ବୋଲି ବିଧାୟକ ଶ୍ରୀ ନାୟକ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଭଞ୍ଜନଗର ସହର ଉପକଣ୍ଠରେ ଅବସ୍ଥିତ ମା'ସୋରାଦେବୀ ପୀଠରେ ଏହି ମିଶ୍ରଣ ପର୍ବ ଆୟୋଜିତ ହୋଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଗଞ୍ଜାମ ଜିଲ୍ଲା ପରିଷଦର ଫୁଲବାଣୀ ସାଂସଦ ପ୍ରତିନିଧି ଶିବ ଶଙ୍କର ପ୍ରଧାନ, ନଗର ସାଂସଦ ପ୍ରତିନିଧି ସନ୍ତୋଷ ତିଆଡି, ବ୍ଲକ ସାଂସଦ ପ୍ରତିନିଧି ରବୀନ୍ଦ୍ର ଗୌଡ, ମଣ୍ଡଳ ସଭାପତି ଧୋବା ଗୌଡ, ସନ୍ତୋଷ ପାଳ, ଆଇନଜୀବି ରଜତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଗହପଦର ଗ୍ରାମର ବିକ୍ରମ ଭୋଇ, ଶଙ୍କର ବେହେରା, ମଧୁ ଭୋଇ ଓ ଖମଣସାହିର ରବୀନ୍ଦ୍ର ମଳିକଙ୍କ ନେତୃତ୍ୱରେ ଏହି ଗ୍ରାମବାସୀ ମାନେ ବିଜେପିରେ ସାମିଲ ହୋଇଥିବା ଜଣାପଡ଼ିଛି।

## ଶିଶୁ ବିଦ୍ୟାମନ୍ଦିରରେ କନ୍ୟା ଶିବିର



ଦିଗପହଣ୍ଡି,୧୦।୧୧(ସମିସ): ଦିଗପହଣ୍ଡି ସରସ୍ୱତୀ ନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରବିବାର କନ୍ୟା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଶିଶୁ ମନ୍ଦିର ପ୍ରଧାନ ଗୁରୁଜୀ ଷଷ୍ଠୀ ପ୍ରସାଦ ବିଷୋୟୀ ଅଧ୍ୟକ୍ଷତା କରିଥିବା ବେଳେ ଭଗବତୀ ପ୍ରସାଦ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅବସରପ୍ରାପ୍ତ ଅଧ୍ୟାପକ ଡ. ପ୍ରକାଶ କୁମାର ପାଣିଗ୍ରାହୀ ମୁଖ୍ୟଅତିଥି ଏବଂ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋପାଳକୃଷ୍ଣ ସାବତ ଓ ମାର୍ଗଦର୍ଶିକା ଆଶାରାଣୀ ଚୌଧୁରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କିଶୋରୀ ବୟସରେ ସ୍ୱାସ୍ଥ୍ୟର ଯତ୍ନ ଓ ବ୍ୟକ୍ତିତ୍ୱର ବିକାଶ ସମ୍ପର୍କରେ ଆଲୋକପାତ କରିଥିଲେ। ଗୁରୁମା ଶୁଭ୍ରଲତା ମହାପାତ୍ର, ସୁନନ୍ଦା ଦୋରା, ପୁଷ୍ପାଞ୍ଜଳି ସାମନ୍ତରାୟ, ଗାୟତ୍ରୀ ତ୍ରିପାଠୀ, ସସ୍ମିତା କର ଓ ପ୍ରଗତି ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିବିରରେ ଷଷ୍ଠ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନ କରୁଥିବା ୧୨୦ ଛାତ୍ରୀ ଅଂଶଗ୍ରହଣ କରିଥିଲେ।

**ସମନ୍ୱୟର ଅଭାବ**

## କୋଟି କୋଟି ବ୍ୟୟ ପରେ ବି ବ୍ୟର୍ଥ ହେଉଛି ଯୋଜନା

ବ୍ରହ୍ମପୁର, ୧୦।୧୧(ସମିସ)

● ମରାମତି ପାଇଁ ଖୋଳାଯାଉଛି ରାସ୍ତା, ହନ୍ତସନ୍ତ ହେଉଛନ୍ତି ଲୋକେ



ସରକାରଙ୍କ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟର ଅଭାବ ଯୋଗୁଁ ଖୋଦ ସରକାରଙ୍କ ବହୁ ଯୋଜନାର ସଫଳ ରୂପାୟନ ହୋଇପାରୁନାହିଁ। ଯଦ୍ୱାରା ସରକାରଙ୍କ ତହବିଲରୁ କୋଟି କୋଟି ଅର୍ଥ ପାଣିରେ ପଡ଼ି ନଷ୍ଟ ହେଉଥିବା ନଜିର ରହିଛି। ବର୍ଷ ବର୍ଷ ଧରି ଏଭଳି ଘଟଣା ବ୍ରହ୍ମପୁର ସହରରେ ମଧ୍ୟ ଦେଖିବାକୁ ମିଳୁଛି। ୱାଟକୋ, ପୂର୍ତ୍ତ, ବିଦ୍ୟୁତ୍, ଯୋଗାଯୋଗ ଓ ବ୍ରହ୍ମପୁର ମହାନଗର ନିଗମ ଭଳି ୫ଟି ଗୁରୁତ୍ୱପୂର୍ଣ୍ଣ ବିଭାଗ ମଧ୍ୟରେ ଘୋର ସମନ୍ୱୟର ଅଭାବ ରହୁଥିବା ପରିଲକ୍ଷିତ ହେଉଛି। ସହରରେ ପ୍ରଥମେ ପାଇପ ଲାଇନା ଅଥବା ରାସ୍ତାଘାଟ। ସେହିଭଳି ବିଦ୍ୟୁତ୍ ସଂଯୋଗ ନା ଟେଲିଫୋନ ଓ କେବୁଲ ତାର ଆଦିର ବିଛାଇବା କାର୍ଯ୍ୟ କେଉଁଟା ପ୍ରଥମ ତାହା ସ୍ପଷ୍ଟ ହେଉନାହିଁ। ଅର୍ଥାତ୍ କେଉଁ କାମ ପରେ କେଉଁ କାମ କରାଯିବ ତାହା ମଧ୍ୟ ସ୍ଥିର କରିପାରୁ ନାହାନ୍ତି ବିଭାଗୀୟ ଅଧିକାରୀ। ସହର ମଧ୍ୟ ଦେଇ ୫୯ ନମ୍ବର ଜାତୀୟ ରାଜପଥ ଗତି କରୁଥିବା ବେଳେ ସହରରେ କୋଟି କୋଟି ଟଙ୍କାର ଓଡିଆରପି ପ୍ରକଳ୍ପ କାର୍ଯ୍ୟ ମଧ୍ୟ କରାଯାଇଛି। ଉଭୟ କ୍ଷେତ୍ରରେ ଶହ ଶହ କୋଟି ଟଙ୍କା ବିଭିନ୍ନ ପର୍ଯ୍ୟାୟରେ ରାଜ୍ୟ, କେନ୍ଦ୍ର ଏପରିକି ବିଶ୍ୱ ବ୍ୟାଙ୍କ ପକ୍ଷରୁ ମଧ୍ୟ ବିନିଯୋଗ କରାଯାଉଛି। ତେବେ ଚିନ୍ତା ଓ ପରିତାପର ବିଷୟ ହେଲା ରାସ୍ତା ନିର୍ମାଣ ପରେ ପୁଣି ଥରେ ଉକ୍ତ ରାସ୍ତାକୁ ଖୋଳି ପାଇପ ବିଛାଇବା ଓ ମରାମତି ଭଳି କାର୍ଯ୍ୟ କରାଯାଉଥିବା ଦେଖିବାକୁ ମିଳୁଛି। ସେପଟେ ରାସ୍ତାକୁ ଖୋଳି ଦେବାପରେ ତାହାର ଉଚିତ ମରାମତି ମଧ୍ୟ କରାଯାଉନଥିବାରୁ ଲୋକଙ୍କୁ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ସେହିଭଳି ସହରର ଅନ୍ୟତମ ପ୍ରମୁଖ ତଥା ବ୍ୟସ୍ତବହୁଳ ରାସ୍ତା ହେଉଛି ସବ୍ ରେଜିଷ୍ଟ୍ରାର କାର୍ଯ୍ୟାଳୟ ଠାରୁ ଆମ୍ବ ମାର୍କେଟ ଦେଇ ଅନ୍ଧପସରା ରୋଡ। ଏହି ରାସ୍ତାର ନିର୍ମାଣ ପାଇଁ ୨୦୧୬ମସିହାରେ ବିଶ୍ୱବ୍ୟାଙ୍କରୁ ୪୬କୋଟି ଟଙ୍କାର ଆର୍ଥିକ ଅନୁଦାନ ଆସିଥିଲା। ଏଥିରେ ରାସ୍ତାର ଉଭୟ ପାର୍ଶ୍ୱରେ ଭୂତଳେ ସ୍ୱେରେଜ ବ୍ୟବସ୍ଥା, ପାଇପ ଲାଇନ ବିଛାଇବା ଓ ବିଦ୍ୟୁତ୍ ତାର ସହିତ କେବୁଲ ତାର ବିଛାଇବା କାର୍ଯ୍ୟ ରହିଥିଲା। ତେବେ ବିଭିନ୍ନ କାରଣରୁ ଅର୍ଥାତ୍ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟର ଅଭାବ ଯୋଗୁଁ ଏଥିରେ ବିଳମ୍ବ ଘଟିଥିଲା। ପରବର୍ତ୍ତି ସମୟରେ ତତ୍‌କାଳୀନ ବିଜେଡି ସରକାରଙ୍କ ହସ୍ତକ୍ଷେପ ପରେ ଏଥିପାଇଁ ପୁଣି ୨୮ କୋଟି ଟଙ୍କା ଅନୁଦାନ ଆସିଥିଲା। ଏହି କାର୍ଯ୍ୟ ବର୍ତ୍ତମାନ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଥିବା ବେଳେ ପୁଣି ପ୍ରତିବନ୍ଧକ ସାଜିଛି ବିଭିନ୍ନ ବିଭାଗ ମଧ୍ୟରେ ଥିବା ସମନ୍ୱୟର ଅଭାବ। ରାସ୍ତା କଡରେ ପାଣି ପାଇପ ବିଛାଇବା ପାଇଁ ନିର୍ଦ୍ଦେଶକୁ ଅବମାନନା କରାଯାଇଥିବାରୁ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ନହେଉଣୁ ଖୋଦ ବିଇଏମସି କମିଶନରଙ୍କ ସରକାରୀ ବାସଭବନ ସମ୍ମୁଖରେ ରାସ୍ତ ତଳେଥିବା ପାଣି ପାଇପ ଫାଟିବାରୁ ମରାମତି ପାଇଁ କଂକ୍ରିଟ ରାସ୍ତାକୁ ଖୋଳିବାକୁ ପଡୁଛି। ସେହିଭଳି ପ୍ରେମନଗର ୬ଷ୍ଠ ଲାଇନରେ ମଧ୍ୟ ରାସ୍ତା ତଳେ ପାଣି ପାଇପ ଫାଟିଥିବାରୁ ଏହି ସ୍ଥାନରେ ମଧ୍ୟ ରାସ୍ତାକୁ ଖୋଳାଯିବାର ଆଶଙ୍କା ସୃଷ୍ଟି ହୋଇଛି। ଫଳରେ ଏହି ରାସ୍ତର ସ୍ଥାୟୀତ୍ୱକୁ ନେଇ ବର୍ତ୍ତମାନ ଉଠିଛି ପ୍ରଶ୍ନ। ରାସ୍ତା ମଝିରେ ଥିବା ପୁରୁଣା ପାଇପ ଲାଇନକୁ ରାସ୍ତା କଡକୁ ସ୍ଥାନାନ୍ତର କରାଗଲେ ଏହି ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରି ଥାନ୍ତା। ତେବେ ବିଭାଗ ବିଭାଗ ମଧ୍ୟରେ ସମନ୍ୱୟର ଘୋର ଅଭାବ ଯୋଗୁଁ ସହରରେ ଦିର୍ଘ ବର୍ଷ ଧରି ଏହି ସମସ୍ୟା ଲାଗି ରହିଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଉଛି।

## ଅଁଳା ନବମୀରେ ଶ୍ରୀରାଧା ପାଦ ଦର୍ଶନ



**ପାରଳାଖେମୁଣ୍ଡି,୧୦ ।୧୧(ସମିସ):** ଗଜପତି ଜିଲ୍ଲାର ପୁରପଲ୍ଲୀରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ପବିତ୍ର ଅଁଳାନବମୀରେ ଶ୍ରୀରାଧାଙ୍କ ପାଦ ଦର୍ଶନ କରିଛନ୍ତି ଶ୍ରଦ୍ଧାଳୁ। ପାରଳାଖେମୁଣ୍ଡି ସହରରେ ଥିବା ବିଭିନ୍ନ ମଠମନ୍ଦିର ଅଁଳା ନବମୀ ଓ ଶ୍ରୀରାଧା ପାଦଦର୍ଶନ ଲାଗି ଚଳଚଞ୍ଚଳ ହୋଇପଡ଼ିଥିଲା। ବିଶେଷ କରି ଜଗନ୍ନାଥ ମନ୍ଦିରରେ ମହିଳା ଭକ୍ତଙ୍କ ପ୍ରବଳ ସମାଗମ ହୋଇଥିଲା। ବିଭିନ୍ନ ଅଁଳା ଗଛ ମୂଳେ ମହିଳାମାନେ ବ୍ରତ କରି ପୂଜାର୍ଚ୍ଚନା କରିଥିଲେ। ସେହିପରି ବିଭିନ୍ନ ଗ୍ରାମାଞ୍ଚଳରେ ଥିବା ରାଧାକୃଷ୍ଣ ମନ୍ଦିରରେ ପବିତ୍ର ଅଁଳାନବମୀ ଓ ଶ୍ରୀରାଧା ପାଦ ଦର୍ଶନ ପାଳିତ ହୋଇଛି। ମହିଳାମାନେ ଭୋରରୁ ଉଠି ବିଭିନ୍ନ ଜଳାଶୟ ତଟରେ ବାଲୁକା ପୂଜା କରି ରାଧା କୃଷ୍ଣ ମନ୍ଦିରରେ ମାତା ରାଧାଙ୍କ ପାଦ ଦର୍ଶନ କରିଥିଲେ। ଗ୍ରାମରେ ଥିବା ଅଁଳା ଗଛରେ ରାଇଦାମୋଦର ଏବଂ ଲକ୍ଷ୍ମୀ ନାରାୟଣଙ୍କ ପୂଜା କରିଥିଲେ।

● ଘନ କୁହୁଡ଼ି ବଳୟରେ ଜି.ଉଦୟଗିରି

## ପନିପରିବା ଚାଷ ପ୍ରଭାବିତ ଆଶଙ୍କା



**ଜି.ଉଦୟଗିରି,୧୦।୧୧(ସମିସ):** କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ଅଞ୍ଚଳ ସପ୍ତାହେ ହେଲା ଘନ କୁହୁଡ଼ି ବଳୟ ଭିତରେ ରହୁଥିବା ଦେଖିବାକୁ ମିଳିଛି। କୁହୁଡ଼ି ଯୋଗୁଁ ମୁହଁକୁ ମୁହଁ ଦେଖାଯାଉନାହିଁ। ଏଭଳି ପରିସ୍ଥିତି ଯୋଗୁଁ ଯାତାୟାତରେ ସମସ୍ୟା ହେଉଛି। ବିଶେଷକରି ଜି.ଉଦୟଗିରି, କଳିଙ୍ଗା, ମାଲିକାପଡି, ରଟିଂଗିଆ, କିତିଂଗିଆ ଓ ଲିଗାଂଗଡ ଆଦି ବିଭିନ୍ନ ସ୍ଥାନରେ ଘନ କୁହୁଡ଼ି ଲାଗି ରହୁଛି। ଘନ କୁହୁଡି ଯୋଗୁଁ ପନି ପରିବା ଫସଲ ନଷ୍ଟ ହେବା ଆଶଙ୍କା ପ୍ରକାଶ ପାଉଛି। ଘାଟି ରାସ୍ତାରେ କୁହୁଡ଼ି ଯୋଗୁ ଯାତାୟାତ ବିଶେଷ ସମସ୍ୟା ହେଉଛି। ଘନ କୁହୁଡ଼ି କାରଣରୁ ଦୁର୍ଘଟଣା ସମ୍ଭାବନା ପ୍ରକାଶ ପାଉଛି। ଚାଳକମାନଙ୍କୁ ଗାଡ଼ି ଚଳାଇବାରେ ସହାୟତା କରୁଥିବା ପ୍ରତି ବୁଲାଣି ପୂର୍ବରୁ ଆରଟିଓ ସଂକେତ ଭାଙ୍ଗି ନଷ୍ଟ ହେବା, ରାସ୍ତାର ଦୁଇ ପାର୍ଶ୍ୱରେ ଧଳା ଲାଇନ ସହିତ ରାସ୍ତା ମଝିରେ ଥିବା ଧଳା ଲାଇନ ନଷ୍ଟ ହୋଇଯାଇଥିବା ବେଳେ ଏବେ ଘନ କୁହୁଡି ଯୋଗୁଁ ଗାଡି ଚାଳକଙ୍କୁ ବିଶେଷ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଛି। ସମସ୍ୟାକୁ ଦୃଷ୍ଟିରେ ରଖି କୁହୁଡ଼ି ସମୟରେ ସତର୍କତା ସହିତ ଗାଡ଼ି ଧୀରେ ଚଳାଇବା କୁହାଯାଉଛି। କୁହୁଡି ଲାଗି ରହିବ ବୋଲି ପାଣିପାଗ ବିଭାଗ ଅନୁମାନ କରିଥିବା ବେଳେ ଚାରା ଉପରେ ପାଳ ଘୋଡ଼ାଇ ରଖିବାକୁ କୃଷି ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି।

## ବେକରେ ଶାଢ଼ିବାନ୍ଧି ଯୁବତୀଙ୍କ ଆତ୍ମହତ୍ୟା

**ଗୋଷାଣି,୧୦ ।୧୧(ସମିସ):** ଗଜପତି ଜିଲ୍ଲା ଗାରାବନ୍ଧା ଥାନା ମାଡ଼ା ଗ୍ରାମର ଜଣେ ଯୁବତୀ ବେକରେ ଶାଢ଼ି ଗୁଡ଼ାଇ ଛାତର ହୁକ୍‌ରେ ଝୁଲିପଡ଼ି ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ପାରିବାରିକ କଳହ ଯୋଗୁଁ ଯୁବତୀ ଜଣକ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତ ପରେ ପୁଲିସ ଅନୁମାନ କରୁଛି। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହକୁ ତାଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଗାରାବନ୍ଧା ଥାନାରେ ଏକ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ ନିସିକା କହିଛନ୍ତି।

## ଜୀବିକା ସୁରକ୍ଷା ମଞ୍ଚ ଲୋକସଂଗଠନର କାର୍ଯ୍ୟକାରିଣୀ

**ଟିକାବାଲି,୧୦।୧୧(ସମିସ):** କନ୍ଧମାଳ ଜିଲ୍ଲା ଟିକାବାଲି ବ୍ଲକ୍‌ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଜିଲ୍ଲାର ଅଗ୍ରଣୀ ଲୋକ ସଂଗଠନ ଜୀବିକା ସୁରକ୍ଷା ମଞ୍ଚ ଟିକାବାଲି ଶାଖାର ସାଧାରଣ ପରିଷଦର ସମସ୍ତ ସଭ୍ୟଙ୍କୁ ନେଇ ନୂତନ କାର୍ଯ୍ୟକାରୀ କମିଟି ବୈଠକ ହୋଇଥିଲା। ବୈଠକରେ ବ୍ଲକ ସଭାନେତ୍ରୀ ଉର୍ମିଳା ପ୍ରଧାନଙ୍କ ଆହ୍ୱାନ କ୍ରମେ ବ୍ଲକର ୫ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି



ଯୋଗଦେଇ ପୂର୍ଣ୍ଣାଙ୍ଗ କାର୍ଯ୍ୟକାରୀ କମିଟି ପରିଷଦ ଗଠନ କରିଥିଲେ। ୨୦୦୯ ମସିହାରୁ ଗରିବ, ଆଦିବାସୀ, ଦଳିତ ଓ ଅବହେଳିତ ଖଟିକିଆ ଦିନମଜୁରିଆଙ୍କ ସହିତ ରହି ଲୋକ ସଂଗଠନକୁ ଗ୍ରାମସ୍ତରରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ଏକ ସ୍ୱାବଲମ୍ବୀ ଓ ଦୀର୍ଘସ୍ଥାୟୀ ଲୋକାଭିମୁଖୀ ସଂଗଠନ ଗଠନ କରି ସାଧାରଣ ଲୋକଙ୍କ ମୌଳିକ ଅଧିକାରକୁ ସାବ୍ୟସ୍ତ କରିବା ସହିତ ସରକାରଙ୍କ ବିଭିନ୍ନ ଆଇନ ଓ ଯୋଜନର ସଫଳ ରୂପାୟନ ନିମନ୍ତେ ସଚେତନ କାର୍ଯ୍ୟକ୍ରମ କରୁଛି। ବୈଠକରେ ଜୀବିକା ସୁରକ୍ଷା ମଞ୍ଚ ଟିକାବାଲି ବ୍ଲକର ସମ୍ପାଦକ କରମ ଚାନ୍ଦ ପ୍ରଧାନ, କୋଷାଧ୍ୟକ୍ଷ ମିନାକ୍ଷୀ ପ୍ରଧାନ, ଜିଲ୍ଲା କମିଟି ସଦସ୍ୟ ମାନସୀ ପ୍ରଧାନ, ସନ୍ତୋଷିମା ପ୍ରଧାନ ଓ ରାଜ୍ୟସ୍ତରୀୟ ସଦସ୍ୟା ଭାବରେ ଜୟନ୍ତୀ ପ୍ରଧାନ ଓ ସକ୍ରିୟ ସଭ୍ୟା ଭାବରେ ଜସ୍ମିନା ପ୍ରଧାନଙ୍କୁ ସଂଗଠନର ନୂତନ ସଦସ୍ୟ ଭାବରେ ଚୟନ କରାଯାଇଥିଲା। ସୁନିତା ପ୍ରଧାନ, ପ୍ରଣିତା ଦିଗାଲ, ଚିତ୍ତରଞ୍ଜନ ପ୍ରଧାନ ଓ ସଂଜୀବ ଦିଗାଲ ସହଯୋଗ କରିଥିଲେ।

### ରାସନ ସାମଗ୍ରୀ ବଣ୍ଟନରେ ଅନିୟମିତତା

# ମାଣ୍ଡିଆ ପାଇଁ ରାଜରାସ୍ତାକୁ ଓହ୍ଲାଇଲେ ହିତାଧିକାରୀ

ପାରଳାଖେମୁଣ୍ଡି,୧୦ ।୧୧(ସମିସ)

ଗଜପତି ଜିଲ୍ଲାରେ ନୂତନ ସରକାରଙ୍କ ଦାୟିତ୍ୱ ପରେ ବିଭିନ୍ନ ସ୍ଥାନରେ ରାସନ ବଣ୍ଟନରେ ବ୍ୟତିକ୍ରମ ତଥା ଅନିୟମିତତା ଅଭିଯୋଗ ହୋଇଆସୁଥିବା ବେଳେ ବର୍ତ୍ତମାନ ମାଣ୍ଡିଆ ପାଇଁ ରାଜରାସ୍ତାକୁ ଓହ୍ଲାଇଛନ୍ତି ଜନସାଧାରଣ। ସରକାରଙ୍କ ଘୋଷଣା ଅନୁଯାୟୀ ପ୍ରତ୍ୟେକ ହିତାଧିକାରୀଙ୍କୁ ୨୫ କେଜି ଲେଖାଏଁ ମାଣ୍ଡିଆ ପ୍ରଦାନ କରାଯିବା କଥା। ହେଲେ ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଅନ୍ତର୍ଗତ କତଲକଇଠା ପଞ୍ଚାୟତ ଅନ୍ତର୍ଗତ ଯାଜପୁର ଗ୍ରାମର ହିତାଧିକାରୀଙ୍କୁ ୧୫ କେଜି ଲେଖାଏଁ ମାଣ୍ଡିଆ ଦିଆଯାଇଥିବା ଅଭିଯୋଗ ହୋଇଛି । ଅବଶିଷ୍ଟ ୧୦ କେଜି ମାଣ୍ଡିଆ କାହିଁକି ରଖାଯାଉଛି ଏବଂ ତାହା କୁଆଡ଼େ ଯିବ ସେ ନେଇ ସବିଶେଷ ତଥ୍ୟ ବିଭାଗ ପକ୍ଷରୁ ଦିଆଯାଉନାହିଁ। ଏ ନେଇ ଯାଜପୁର ଗ୍ରାମବାସୀ ବାରମ୍ବାର ପ୍ରଶାସନ ଓ ପଞ୍ଚାୟତ କାର୍ଯ୍ୟାଳୟରେ ଅଭିଯୋଗ କରିଆସୁଥିଲେ ମଧ୍ୟ କେହି କର୍ଣ୍ଣପାତ ନ କରିବାରୁ ରବିବାର ଶତାଧିକ ମହିଳା ଓ ପୁରୁଷ ଏକତ୍ର ହୋଇ ଏକ ଘଣ୍ଟା ଧରି ରାସ୍ତାରୋକ କରିଥିଲେ। ଏଥିଯୋଗୁଁ ପାରଳାଖେମୁଣ୍ଡି-ମୋହନା ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଶହ ଶହ ଯାନବାହାନ ଅଟକି ରହିଥିଲା। ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ପରେ ପ୍ରଶାସନ ଓ ବିଭାଗୀୟ ଅଧିକାରୀ ପହଞ୍ଚି କମ୍ ଆସିଥିବା ଯୋଗୁଁ କାର୍ଡ ପିଛା ୧୫ କେଜି ଦିଆଯାଉଛି ଏବଂ ପରବର୍ତ୍ତୀ ସମୟରେ ଅବଶିଷ୍ଟ ୧୦ କେଜି ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକରୁ ହଟିଥିଲେ। ନୂତନ ସରକାର ଦାୟିତ୍ୱ ଗ୍ରହଣ କରିଥିବା ପରଠାରୁ ରାସନ ସାମଗ୍ରୀ ଚାଉଳ, ଗହମ ଆଦି ସମେତ ମାଣ୍ଡିଆ ଜିଲ୍ଲାର ବିଭିନ୍ନ ପ୍ରାନ୍ତରେ ସଠିକ୍ ଭାବେ ଦିଆଯାଉ ନ ଥିବା ଅଭିଯୋଗ ହେଉଛି। ଏପରି ସ୍ଥଳେ ଯୋଗାଣ ବିଭାଗ ନିରବଦ୍ରଷ୍ଟା ସାଜିଥିବା ବେଳେ ବିଭାଗୀୟ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଶନିବାର ଗଜପତି ଗସ୍ତ ବେଳେ ଗଣମାଧ୍ୟମ ପ୍ରତିନିଧି ସଠିକ୍ ଭାବେ ଚାଉଳ ବଣ୍ଟନ କରାଯାଉ



ନଥିବା ଏବଂ ସରକାର ବଦଳିବା ପରେ ଚାଉଳ ବଣ୍ଟନ ହେଉ ନ ଥିବା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ।

ଏଭଳି ଅଭିଯୋଗକୁ ମନ୍ତ୍ରୀ ଶ୍ରୀ ପାତ୍ର ଖଣ୍ଡନ କରି କହିଥିଲେ ଯେ, ରାଜ୍ୟ ସରକାରଙ୍କ ପକ୍ଷରୁ ଏପରି କୌଣସି ନିୟମ କରାଯାଇନାହିଁ।ଯଦି କେହି ବ୍ୟତିକ୍ରମ କରନ୍ତି ତେବେ ସେ ଦୋଷୀ ସାବ୍ୟସ୍ତ ହେବେ ବୋଲି କହିଥିଲେ । ହେଲେ ରବିବାର ମାଣ୍ଡିଆକୁ ନେଇ ଲୋକେ ରାଜରାସ୍ତାକୁ ଓହ୍ଲାଇଥିବା ଘଟଣା ସାମନାକୁ ଆସିଛି। ରାସନ ସାମଗ୍ରୀ ଓ ମାଣ୍ଡିଆ ବଣ୍ଟନକୁ ନେଇ ରାଜ୍ୟ ସରକାର ସ୍ପଷ୍ଟିକରଣ ଦେବା ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଆଜି ଜିଲ୍ଲା ସଦରମହକୁମାରେ ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ ଶ୍ରୀ ଅନ୍ନ ଓ ବିସ୍ତୃତ ଖାଦ୍ୟ ମେଳା ଅନୁଷ୍ଠିତ ହୋଇଥିଲା। ଏଥିରେ ମାଣ୍ଡିଆକୁ ଗୁରୁତ୍ୱ ଦିଆଯାଇଛି। ମାଣ୍ଡିଆ ଚାଷ ଠାରୁ ଆରମ୍ଭ କରି ମାଣ୍ଡିଆର ବ୍ୟବହାର ସମ୍ପର୍କରେ ଗୁରୁତ୍ୱାରୋପ କରାଯାଉଥିବା ବେଳେ ଆନ୍ଦୋଳନକୁ ଦେଖିଲେ ସରକାର ମାଣ୍ଡିଆକୁ କିପରି ଗୁରୁତ୍ୱ ଦେଉଛନ୍ତି ତାହା ସହଜେ ଅନୁମେୟ ବୋଲି କୁହାଯାଉଛି।

## ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସରେ ଖାଦ୍ୟ ମେଳା



ପାରଳାଖେମୁଣ୍ଡି,୧୦ ।୧୧(ସମିସ)

ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ ତଥା ଶ୍ରୀ ଅନ୍ନ ଓ ବିସ୍ତୃତ ଖାଦ୍ୟ ମେଳା ପ୍ରଦର୍ଶନୀ ରବିବାର ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପରେ ହୋଇଥିଲା। ଜିଲ୍ଲାପାଳ ବିଜୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଖାଦ୍ୟ ମେଳାରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ, ସମ୍ମାନିତ ଅତିଥି ଭାବରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଡ. ଗୁଣନିଧି ନାୟକ, ପାରଳାଖେମୁଣ୍ଡି ପୌରାଧ୍ୟକ୍ଷା ନିର୍ମଳା ସେଠି, ଜିଲ୍ଲା ମୁଖ୍ୟ ଚିକିତ୍ସକ ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ମହମ୍ମଦ ମୁବାରକ ଅଲ୍ଲୀ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଏ.ରାମ ପ୍ରସାଦ ପାତ୍ର, ରା.ଉଦୟଗିରିସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରର ଡ. ସଂଜୀବ ମାଣ୍ଡି, ଜଳ ବିଭାଜିକା ଓ ମୃତ୍ତିକା ସଂରକ୍ଷଣ ବିଭାଗର ପ୍ରକଳ୍ପ ନିର୍ଦ୍ଦେଶକ ସୁରେଶ କୁମାର ପଟ୍ଟନାୟକ ମଞ୍ଚାସୀନ ଥିଲେ। ପ୍ରଥମେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶ୍ରୀପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରି ମାଣ୍ଡିଆ ଚାଷର ପୃଷ୍ଠଭୂମ ଓ ଏହାର ଉପକାରିତା ସମ୍ପର୍କରେ କହିଥିଲେ। ଜିଲାର ସମସ୍ତ ବ୍ଲକରେ ଚାଷୀ ଉନ୍ନତ ମାନର ମାଣ୍ଡିଆ ଚାଷ କରିବା ପାଇଁ ଅନୁରୋଧ କରିଥିଲେ। ଜିଲ୍ଲା କୃଷି ବିଭାଗ ଦ୍ୱାରା ୧୦ଟି ଷ୍ଟଲରେ ମାଣ୍ଡିଆରୁ ତିଆରି ହୋଇଥିବା ବିଭିନ୍ନ ପ୍ରକାର ଜିନିଷ ପ୍ରଦର୍ଶନ କରାଯାଇଥିଲା। ଜିଲ୍ଲାର ଶ୍ରେଷ୍ଠ ଶ୍ରୀ ଅନ୍ନ ଫସଲ ଚାଷୀ ଭାବରେ ୧୦ ଜଣଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା। କାର୍ଯ୍ୟକ୍ରମକୁ ଅମୂଲ୍ୟ କୁମାର ପାଣିଗ୍ରାହୀ ପରିଚାଳନା କରିଥିବା ବେଳେ ଅତିରିକ୍ତ କୃଷି ଅଧିକାରୀ ତଥା ମିଲଟ୍ ମିଶନ ଅଧିକାରୀ ସଙ୍ଘମିତ୍ରା ପ୍ରଧାନ ଧନ୍ୟବାଦ୍ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ରା.ଉଦୟଗିରି ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀ ନାରାୟଣ ଶବର, ଗୁମ୍ମା ବ୍ଲକ ଅଧ୍ୟକ୍ଷା ସୁନେମୀ ମଣ୍ଡଳ, କାଶୀନଗର ବ୍ଲକ ଅଧ୍ୟକ୍ଷା ବାଲା ସାୟାମା, ଗୋଷାଣି ବ୍ଲକ ଜିଲ୍ଲା ପରିଷଦ ସଭ୍ୟ ଏସ୍.ବାଲାରାଜୁ, ଅତିରିକ୍ତ କୃଷି ଅଧିକାରୀ ଶୁଭଶ୍ରୀ ପ୍ରିୟଦର୍ଶିନୀ, କେ.ସୁରଜ କୁମାର ପାତ୍ର, ସତ୍ୟବାନ୍ ସ୍ୱରେନ୍, ଏସିଦ୍ ହାଁସଦା ପରିଚାଳନା କରିଥିବା ବେଳେ ଜିଲ୍ଲା କୃଷି ବିଭାଗର ସମସ୍ତ କର୍ମଚାରୀ ଓ ଜିଲ୍ଲାର ୭ ବ୍ଲକର ବହୁ ସଂଖ୍ୟାରେ ମାଣ୍ଡିଆ ଚାଷୀ ଯୋଗ ଦେଇଥିଲେ।

## ‘ସେଞ୍ଚୁରିଅନ’ରେ କ୍ୟାମ୍ପସ୍ ପ୍ଲେସମେଣ୍ଟ୍ ଡ୍ରାଇଭ୍

**ପାରଳାଖେମୁଣ୍ଡି,୧୦ ।୧୧(ସମିସ):** ଆଇଟିସି ଲିମିଟେଡ୍ (ଏଗ୍ରି ବିଜନେସ୍ ଡିଭିଜନ୍) ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟର ବିଦ୍ୟାର୍ଥୀଙ୍କ ପାଇଁ କ୍ୟାମ୍ପସ୍ ପ୍ଲେସମେଣ୍ଟ୍ କରିଛି । ବାର୍ଷିକ ୱିଲସନ୍‌ଆଗ୍ରିସାଇନ୍ସ୧୭ ବିଏସସି କୃଷିଛାତ୍ରଙ୍କୁ ବାର୍ଷିକ ଚାରିଲକ୍ଷଟଙ୍କା ପ୍ୟାକେଜ୍ ହିସାବରେ ନିଯୁକ୍ତ କରିଛି। ଅକ୍ଷୟକାଲପା ଫାର୍ମା ଆଣ୍ଡ ଫୁଡ୍ସ ପ୍ରାଇଭେଟ୍ ଲିମିଟେଡ୍ ୨୬ ଜଣ କୃଷି ଛାତ୍ର ଏବଂ ଅନ୍ୟ କେତେକ କମ୍ପାନୀ ଚଳିତ ବର୍ଷ ପ୍ରାୟ ୨୫ ଜଣ କୃଷି ଛାତ୍ରଙ୍କୁ ନିଯୁକ୍ତ କରିଛନ୍ତି। କ୍ୟାମ୍ପସ୍ ପ୍ଲେସମେଣ୍ଟ ଡ୍ରାଇଭ ଡେପୁଟି ରେଜିଷ୍ଟ୍ରାର (ଟ୍ରେନିଂ ଆଣ୍ଡ ପ୍ଲେସମେଣ୍ଟ) ଡକ୍ଟର ଏସ୍. କାମେଶ୍ୱର ରାଓ ସଂଯୋଜନା କରିଥିଲେ। ଆଗାମୀ ଦିନରେ ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟରେ ପ୍ଲେସ୍‌ମେଣ୍ଟରେ ରାଲିସ୍ ଇଣ୍ଡିଆ (ଟାଟା ଏଣ୍ଟରପ୍ରାଇଜ), ଗୋଦରେଜ୍ ଆଗ୍ରୋଭେଟ୍, ପ୍ରଦାନ ଏନ୍‌ଜିଓ, ସିଡ୍ସ ଫାର୍ମ, ବିଏଆଇଏଫ୍, ଆଇସିଆରଆଇଏସ୍ଏଟି, ସାଇନଜେଣ୍ଟା ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍, ସାଇନଜେଣ୍ଟା ଫାଉଣ୍ଡେସେନ୍, ଆଇସିଆଇସିଆଇ ବ୍ୟାଙ୍କ୍ ଓ ଏକ୍ସିସ୍



ବ୍ୟାଙ୍କ୍ ଆଦି ଭଳି ବଡ଼ କମ୍ପାନୀ ବା ବ୍ୟାଙ୍କର ମଧ୍ୟ ପ୍ଲେସମେଣ୍ଟ୍ ଡ୍ରାଇଭ୍ ହେବ। ପ୍ଲେସ୍‌ମେଣ୍ଟ ପାଇଥିବା ଛାତ୍ରଛାତ୍ରୀଙ୍କୁ ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟର ଉପସଭାପତି ପ୍ରଫେସର ଡିଏନ୍ ରାଓ, ବିଶ୍ୱ ବିଦ୍ୟାଳୟର ଉପକୁଳପତି ପ୍ରଫେସର ସୁପ୍ରିୟା ପଟ୍ଟନାୟକ, ରେଜିଷ୍ଟ୍ରାର୍ ଅନୀତା ପାତ୍ର ଓ ଡିନ୍ ପ୍ରଫେସର ସାଗର ମିତ୍ର ଅଭିନନ୍ଦନ ଜଣାଇଛନ୍ତି।

## ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ୍ ବୈଠକ




**ପାରଳାଖେମୁଣ୍ଡି,୧୦।୧୧(ସମିସ):** ପାରଳାଖେମୁଣ୍ଡିସ୍ଥିତ ଗାନ୍ଧି ସ୍ମୃତି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ଗଜପତି ଜିଲ୍ଲା ଶାଖା ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏସ୍. ତ୍ରିପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସାଧାରଣ ସମ୍ପାଦକ ଏମ୍. ରବି କୁମାର, ଉପଦେଷ୍ଟା ଦେବରାଜ ଜେନା ଏବଂ ଜିଲ୍ଲାର ସମସ୍ତ କର୍ମକର୍ତ୍ତା ତଥା ବ୍ଲକ ପ୍ରତିନିଧି ଯୋଗଦେଇ ୫ ଦଫା ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ଦାବି ମଧ୍ୟରେ ପ୍ରାଥମିକ ନିର୍ଦ୍ଦେଶକଙ୍କ ପତ୍ରାଙ୍କ ନିର୍ଦ୍ଦେଶ ଅନୁଯାୟୀ ୨୦-୩୦ବର୍ଷ ସେବା ପୂର୍ଣ୍ଣ କରିଥିବା ଶିକ୍ଷକଙ୍କୁ ଆର୍‌ଏସିପି/ଏମ୍‌ଏସିପି ପ୍ରଦାନ କରିବା, ପ୍ରାଥମିକ ଶିକ୍ଷକଙ୍କ ପଦନ୍ନୋତି ତ୍ୱରାନ୍ୱିତ, ଅପ୍‌ଗ୍ରେଡ୍ ହାଇସ୍କୁଲରେ ଏଏଲେଭେଲ୍-୩ ପ୍ରଧାନଶିକ୍ଷକ ପଦକୁ ବଳବତ୍ତର ରଖିବା ସହ ପଦୋନ୍ନତି ପ୍ରଦାନ କରିବା, ମଞ୍ଜୁର ହୋଇଥିବା ୪୪୫ ଲେଭଲ୍-୩ ପ୍ରଧାନ ଶିକ୍ଷକ ପଦ ପୂରଣ କରିବା, କନିଷ୍ଠ ଶିକ୍ଷକଙ୍କୁ ତୁରନ୍ତ ନିୟମିତ କରିବା ରହିଛି।

■ ଜାତୀୟସ୍ତରର ଭେଟେରାନ୍ ଖେଳାଳି ଚାମ୍ପିଅନସିପ୍

## କିଶୋର ରଥଙ୍କୁ ୩ ପଦକ

**ପାରଳାଖେମୁଣ୍ଡି,୧୦ ।୧୧(ସମିସ):** ପାରଳାଖେମୁଣ୍ଡିର ଭେଟେରାନ୍ ଖେଳାଳି ତଥା ଅବସରପ୍ରାପ୍ତ ଅବକାରୀ ବିଭାଗ ଅଧିକାରୀ କିଶୋର ଚନ୍ଦ୍ର ରଥ ଉତ୍ତର ପ୍ରଦେଶ ଆମେଥିର ଡ.ଆମ୍ବେଦକର ଷ୍ଟାଡିୟମରେ ହୋଇଥିବା ଜାତୀୟସ୍ତରର ଭେଟେରାନ୍ ଖେଳାଳି ଚାମ୍ପିଅନସିପରେ ୩ ପଦକ ହାସଲ କରି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି । ଟ୍ରିପଲ ଜମ୍ପରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ୧୦୦ ମିଟର ଦୌଡ଼ ଏବଂ ଲଙ୍ଗଜମ୍ପ୍‌ରେ ରୌପ୍ୟ ପଦକ ଅର୍ଜନ କରିଛନ୍ତି। ଏହି ଚମ୍ପିୟନସିପ୍ ଚଳିତ ମାସ ୮ ତାରିଖରୁ ୧୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଛି। ରାଜ୍ୟରୁ ୭ ଜଣ ପ୍ରତିଯୋଗୀ ଜାତୀୟସ୍ତର ଭେଟେରାନ୍ ଖେଳାଳି ଚମ୍ପିଅନସିପ୍‌ରେ ଭାଗ ନେଇଥିଲେ। ଏପରି ସଫଳତା ପାଇଁ ପାରଳାଖେମୁଣ୍ଡି ସହର ସମେତ ଜିଲ୍ଲାର ବିଭିନ୍ନ ମହଲରେ ଶ୍ରୀ ରଥଙ୍କୁ ପ୍ରଶଂସା କରାଯାଉଛି। ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଦେବେନ୍ଦ୍ର ଦାସ, ନୃସିଂହ ରଥ, ବିନୋଦ ଚନ୍ଦ୍ର ଜେନା, ବିଚିତ୍ରା ନନ୍ଦ ବେବର୍ତ୍ତା, ଉମା ରଥ, ବାବୁନା ବେହେରା, ବାବୁ ପାତ୍ର ଓ ଭାରତ ଭୂଷଣ ମହାନ୍ତି ତାଙ୍କୁ ଶୁଭକାମନା ଜଣାଇଛନ୍ତି । ପ୍ରକାଶ ଯେ ଭେଟେରାନ୍ ଖେଳାଳୀ ଶ୍ରୀ ରଥ ଯୁବକ ଅବସ୍ଥାରୁ ଖେଳ କୁଦ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଆସୁଥିଲେ। କର୍ମକ୍ଷେତ୍ରରେ ଥାଇ ମଧ୍ୟ ବିଭିନ୍ନ ଜାତୀୟ ଖେଳକୁଦ ପ୍ରତିଯୋଗିତାରେ ଭାଗନେଇ କୃତିତ୍ୱ ହାସଲ କରିଥିଲେ। ଅବସର ପରେ ମଧ୍ୟ ସେ ଏହି ଧାରାକୁ ଜାରି ରଖି ଜଣେ ଭେଟେରାନ୍ ଖେଳାଳୀ ଭାବେ ଖ୍ୟାତି ଅର୍ଜନ କରିଛନ୍ତି।



## ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଙ୍ଘର କର୍ମକର୍ତ୍ତା ଚୟନ



**ବାଲିଗୁଡ଼ା,୧୦।୧୧(ସମିସ):** କନ୍ଧମାଳ ଜିଲ୍ଲା ବାଲିଗୁଡା ସଭା ଗୃହରେ ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଙ୍ଘର ସାଧାରଣ ସଭା ଓ ନୂତନ କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଙ୍ଘର ରାଜ୍ୟ ସାଧାରଣ ସମ୍ପାଦକ ବିଜୟ କୁମାର ରଥ ପର୍ଯ୍ୟବେକ୍ଷକ ଭାବେ ଅଂଶଗ୍ରହଣ କରି ଆଜିର ସାଧାରଣ ସଭା ଓ ନୂତନ କର୍ମକର୍ତ୍ତା ଚୟନ ସଭାକୁ ତୁଲାଇଥିଲେ। କାର୍ଯ୍ୟକ୍ରମରେ କନ୍ଧମାଳ ଜିଲ୍ଲାର ପ୍ରତ୍ୟେକ ବିଦ୍ୟାଳୟର ଶିକ୍ଷକ ଅଂଶ ଗ୍ରହଣ କରି ନୂତନ ସଭାପତି ଓ ନୂତନ ସାଧାରଣ ସମ୍ପାଦକ ଚୟନ କରିଥିଲେ। ଗତ ୨୦୨୨ରେ ଶେଷ ଥର ପାଇଁ ଚୟନ ପ୍ରକ୍ରିୟା ହୋଇଥିଲା ଓ ୨୦୨୨ ମସିହାର ଜିଲ୍ଲା କମିଟିକୁ ଭାଙ୍ଗିଦିଆ ଯାଇଥିଲା। ନୂତନ କର୍ମକର୍ତ୍ତା ଚୟନ ପୂର୍ବରୁ ପୁରାତନ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ସହ ବିଦାୟ ଦିଆଯାଇଥିଲା। ଜିଲ୍ଲାର ନୂତନ ସଭାପତି ଭାବେ ସୁରଥ ମୁନି ଓ ସାଧାରଣ ସମ୍ପାଦକ ଭାବେ ତୀର୍ଥବାସୀ ଘଡ଼ାଇଙ୍କୁ ସହମତି କ୍ରମେ ଚୟନ କରାଯାଇଥିଲା। ଆଗାମୀ ଦିନରେ ଜିଲ୍ଲାର ସମସ୍ତ ବିଦ୍ୟାଳୟ, ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସମସ୍ୟାର ସମାଧାନ ଦିଗରେ ଚେଷ୍ଟା କରିବେ ବୋଲି ନୂତନ ଭାବେ ମନୋନୀତ ହୋଇଥିବା ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଙ୍ଘର ସାଧାରଣ ସମ୍ପାଦକ ଶ୍ରୀ ଘଡ଼େଇ କହିଛନ୍ତି।

# ନୂଆ ପଞ୍ଚାୟତ ଗଠନ ଦାବିରେ ତେଜିଲା ଆନ୍ଦୋଳନ

ବାଲିଗୁଡ଼ା,୧୦।୧୧(ସମିସ)

ନୂତନ ପଞ୍ଚାୟତ ଗଠନ ଦାବିରେ ତେଜିଲେ କନ୍ଧମାଳ ଜିଲ୍ଲା କ.ନୂଆଗାଁ ବ୍ଲକ ମଗଡିଙ୍ଗିଆ ଅଞ୍ଚଳବାସୀ। ସୂଚନା ଅନୁସାରେ ରାଜ୍ୟ ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ଜାରି ହେବା ପରେ ନୂତନ ପଞ୍ଚାୟତ ଗଠନ ନିମନ୍ତେ ଆବେଦନ କରିଥିଲେ ମଗଡିଙ୍ଗିଆ ଅଞ୍ଚଳବାସୀ। ମଗଡିଙ୍ଗିଆ ପ୍ରଥମେ କ.ନୂଆଗାଁ ବ୍ଲକ ଅଧିନସ୍ଥ ବଣ୍ଡଗୁଡା ପଞ୍ଚାୟତରେ ଅନ୍ତର୍ଭୁକ୍ତ ଥିଲା। ବଣ୍ଡଗୁଡା ବହୁ ଦୂର ହେବା ଯୋଗୁଁ ଦୀର୍ଘ ୧୦ ବର୍ଷରୁ ଉର୍ଦ୍ଧ୍ୱ ହେବ ଅଞ୍ଚଳବାସୀ ସୁବିଧା ନିମନ୍ତେ ମଗଡିଙ୍ଗିଆରେ ନୂତନ ପଞ୍ଚାୟତ ଗଠନ ଦାବି କରି ବ୍ଲକ୍ ପ୍ରଶାସନ ଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠରେ ଦାବି



ଜଣାଇଥିଲେ। ହେଲେ କୌଣସି ସୁଫଳ ମିଳିନାହିଁ। ବଣ୍ଡଗୁଡ଼ା ପଞ୍ଚାୟତରେ ପ୍ରଥମେ ମଗଡିଙ୍ଗିଆ ସାମିଲଥିଲା। ହେଲେ୨୦୧୫ ମସିହାରେ ସରକାରଙ୍କ ନିର୍ଦ୍ଦେଶକ୍ରମେ ଜନସଂଖ୍ୟା ବୃଦ୍ଧି ଯୋଗୁଁ ଜିରିଡିକିଆରେ ନୂତନ ପଞ୍ଚାୟତ ଗଠନ କରାଯାଇଥିଲା। ହେଲେ ବଣ୍ଡଗୁଡ଼ାଠାରୁ ଜିରିଡିକିଆ ମାତ୍ର ଏକ କିମି ବ୍ୟବଧାନ ହୋଇଥିବାରୁ ମଗଡିଙ୍ଗିଆ ଅଞ୍ଚଳବାସୀଙ୍କ ସମସ୍ୟା ସମାଧାନ ହୋଇନଥିଲା। ଦଶଖଣ୍ଡ ଗାଁର ଲୋକେ ପାଖାପାଖି ୧୨ କିମି ଦୂରତାରେ ଥିବା ପଞ୍ଚାୟତକୁ ଯାଇ ରାସନ ଚାଉଳ, ଭତ୍ତା, ଅନ୍ୟାନ୍ୟ କାର୍ଯ୍ୟ କରିବାପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିଯୋଗୁଁ କେ.ନୂଆଗାଁ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ ଅଞ୍ଚଳବାସୀ। କୌଣସି ସୁଫଳ ନ ମିଳିବାରୁ ଜିଲ୍ଲାପାଳଙ୍କୁ ଭେଟିଥିଲେ। ଜିଲ୍ଲାପାଳ କୌଣସି ପଦକ୍ଷେପ ନ ନେବାରୁ ବାଧହୋଇ ଅଞ୍ଚଳବାସୀ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେଇଥିଲେ। ସେଠାରେ ବର୍ତ୍ତମାନ ସୁଦ୍ଧା ମାମଲା କୋର୍ଟର ବିଚାରାଧୀନ ଥିବା ଜଣାପଡ଼ିଛି। ବର୍ତ୍ତମାନ ନୂତନ ସରକାର ଆସିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଯାଇ ଲିଖିତ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିବା ପାଇଁ ମଗଡିଙ୍ଗିଆ ଅଞ୍ଚଳବାସୀ ରାସ୍ତାରେ ବସି ରହିଥିଲେ। ଆଗାମୀ ଦିନରେ କୌଣସି ନିଷ୍ପତ୍ତି ନହେଲେ ବ୍ଲକ୍ ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି ଅଞ୍ଚଳବାସୀ।

